Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Postal Regn. No.OR/SUN-07/2007-09 ◆ RNI. Regd. No.ORIORI/2004/17448

✦Vol - 21✦ Issue No:273✦30 January 2026 (Friday) ✦ Rourkela ✦ Rs.2.00 ✦ Page -1 ✦୨୧ ବର୍ଷ ✦ସଂଖ୍ୟା:୨୭୩✦୩୦ ଜାନୁଆରୀ ୨୦୨୬ (ଶୁକ୍ରବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଆତ୍ମବିଶ୍ୱାସୀ ଭାରତ, ବିଶ୍ୱ ପାଇଁ ଆଶାର କିରଣ : ମୋଦୀ

ନୂଆଦିଲ୍ଲୀ,୨୯/୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବଜେଟ ଅଧିବେଶନ ପୂର୍ବରୁ ଶଣମାଧ୍ୟମରୁ ସମ୍ବୋଧିତ କରି କହିଛନ୍ତି ଯେ ଭାରତ ବିଶ୍ୱରେ ଦୃଷ୍ଟିକେନ୍ଦ୍ର ଭାବରେ ଉଭା ହୋଇଛି । ସେ କହିଛନ୍ତି ଯେ ଏହି ଟ୍ରେଡ଼ିମାସିକର ଆରମ୍ଭରେ, ଭାରତ ଏବଂ ୟୁରୋପୀୟ ସଂଘ ଏକ ମୁକ୍ତ ବାଣିଜ୍ୟ ବୁଝାମଣା (ଗାଞ୍ଚଭ) ସ୍ୱାକ୍ଷର କରିଛନ୍ତି । ଯାହାକୁ ସେ ଭାରତୀୟ ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଏବଂ ଆଗାମୀ ପ୍ରତିଶ୍ରୁତିପୂର୍ଣ୍ଣ ଦିଗକୁ ପ୍ରତିଫଳିତ କରୁଥିବା ବର୍ଣ୍ଣନା କରିଛନ୍ତି । ସେ ଭାରତ-ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ବୁଝାମଣାକୁ ଗୁରୁତ୍ୱାରୋପ କରି ଏହାକୁ "ମହତ୍ୱାକାଂକ୍ଷୀ ଭାରତ,ଯୁବପିଢ଼ି ଏବଂ ଆତ୍ମନିର୍ଭର ଭାରତ ପାଇଁ ମୁକ୍ତ ବାଣିଜ୍ୟ ବୋଲି ଅଭିହିତ କରିଥିଲେ । ଭାରତୀୟ ନିର୍ମାତାମାନେ ଏହି ସୁଯୋଗକୁ ସେମାନଙ୍କର କ୍ଷମତାକୁ ସୁଦୃଢ଼ କରିବା ପାଇଁ ବ୍ୟବହାର କରିବେ ଏବଂ ଗଞ୍ଚଭ ଏକ ଆତ୍ମବିଶ୍ୱାସୀ, ପ୍ରତିଯୋଗିତାମୂଳକ ଓ ଉତ୍ପାଦକ ଭାରତ ଆଡ଼କୁ ଏକ ପ୍ରମୁଖ ପଦକ୍ଷେପ ବୋଲି ସେ କହିଥିଲେ । କେନ୍ଦ୍ର ବଜେଟୁ ନେଇ କହିଛନ୍ତି ଯେ,ଦେଶର ଧ୍ୟାନ ବଜେଟ୍ ପ୍ରତି ରହିବା ସ୍ୱାଭାବିକ । କିନ୍ତୁ ଏହି ସରକାରଙ୍କ ପରିଚୟ ସଂସ୍କାର, କାର୍ଯ୍ୟଦକ୍ଷତା ଏବଂ ରୂପାନ୍ତର ହୋଇଛି । ଏବେ, ଆମେ ସଂସ୍କାର ଏକ୍ସପ୍ରେସ ଉପରେ ଦ୍ରୁତ ଗତିରେ କାର୍ଯ୍ୟ ଆରମ୍ଭ କରିଛୁ । ଏହି 'ସଂସ୍କାର ଏକ୍ସପ୍ରେସ'ରୁ ଦ୍ୱାରାନ୍ୱିତ କରିବାରେ ସମସ୍ତ ସାଂସଦଙ୍କ ସକାରାତ୍ମକ ଅବଦାନ ପାଇଁ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରୁଛି । ଫଳସ୍ୱରୂପ, ସଂସ୍କାର ଏକ୍ସପ୍ରେସ ଗତି ହାସଲ କରୁଛି ।ସରକାରଙ୍କ ନିଷ୍ପତ୍ତିକୁ ମାନବ-କେନ୍ଦ୍ରିକ କହି ସେ କହିଛନ୍ତି, ଦେଶ ଦୀର୍ଘକାଳୀନ ସମସ୍ୟାରୁ ବାହାରକୁ ଆସୁଛି । ଆତ୍ମବିଶ୍ୱାସର ସହିତ ଦୀର୍ଘକାଳୀନ ସମାଧାନର ପଥରେ ଚାଲୁଛି । ଆମର ସମସ୍ତ ନିଷ୍ପତ୍ତିରେ, ଦେଶର ପ୍ରଗତି ହେଉଛି । କିନ୍ତୁ ଆମର ସମସ୍ତ ନିଷ୍ପତ୍ତି ମାନବ-କେନ୍ଦ୍ରିକ, ଆମର ଭୂମିକା ଏବଂ ଯୋଜନାଗୁଡ଼ିକ ମାନବ-କେନ୍ଦ୍ରିକ । ଆମେ ପ୍ରଯୁକ୍ତିବିଦ୍ୟା ବିରୁଦ୍ଧରେ ପ୍ରତିଦ୍ୱନ୍ଦ୍ୱିତା କରିନୁ, ଆମେ ପ୍ରଯୁକ୍ତିବିଦ୍ୟା ସହିତ ଖାପ ଖୁଆଇବୁ, ଆମେ ପ୍ରଯୁକ୍ତିର କ୍ଷମତାକୁ ଗ୍ରହଣ କରିବୁ । କିନ୍ତୁ ଏହା ସହିତ, ଆମେ ମାନବ-କେନ୍ଦ୍ରିକ ବ୍ୟବସ୍ଥାକୁ ଦୁର୍ବଳ କରିବୁ ନାହିଁ । ସମେଦନଶୀଳତାର ଗୁରୁତ୍ୱକୁ ବୁଝି, ପ୍ରଯୁକ୍ତିବିଦ୍ୟା ସହିତ ସହଭାଗୀତାରେ, ଆମେ ଆଗକୁ ବଢ଼ିବୁ । ୨୧ଶ ଶତାବ୍ଦୀର ଏକ ଚତୁର୍ଥାଂଶ ସମୟ ବିତିବା ଉପରେ ପ୍ରତିଫଳିତ କରି କିଛିଶହ ଭାରତ ଲକ୍ଷ୍ୟ ହାସଲ ପାଇଁ ଆଗାମୀ ୨୫ ବର୍ଷର ଗୁରୁତ୍ୱ ଉପରେ ଜୋର ଦେଇଥିଲେ ମୋଦୀ । ଏହାସହ ଅର୍ଥମନ୍ତ୍ରୀ ନିର୍ମଳା

ସୀତାରମଣଙ୍କୁ ମଧ୍ୟ ପ୍ରଶଂସା କରିଥିଲେ । ସେ କହିଥିଲେ ୨୧ଶ ଶତାବ୍ଦୀର ଏକ ଚତୁର୍ଥାଂଶ ଚାଲିଗଲାଣି । ଏହା ପରବର୍ତ୍ତୀ ଟ୍ରେଡ଼ିମାସିକର ଆରମ୍ଭ । ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ କରିବା ପାଇଁ, ଏହି ୨୫ ବର୍ଷର ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଆରମ୍ଭ ହୋଇଛି । ଶତାବ୍ଦୀର ଏହି ଦ୍ୱିତୀୟ ଟ୍ରେଡ଼ିମାସିକର ପ୍ରଥମ ବଜେଟ୍ ଉପସ୍ଥାପନ ହେବାକୁ ଯାଉଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ହେଉଛନ୍ତି ଦେଶର ପ୍ରଥମ ମହିଳା ଅର୍ଥମନ୍ତ୍ରୀ ଯିଏ ଲଗାତାର ୯ମ ଥର ପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରୁଛନ୍ତି । ଏହା ଦେଶର ସଂସଦୀୟ ଇତିହାସରେ ଏକ ଗର୍ବର ସୁହୃର୍ତ ଭାବରେ ପରିଗୃହୀତ ହୋଇ ସେ କହିଛନ୍ତି ।

ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ-୨୦୨୬

ଧିମା ଅଭିବୃଦ୍ଧି ଆଶଙ୍କା, ରୋଜଗାରରେ ଆସିବ ସୁଧାର

ନୂଆଦିଲ୍ଲୀ, ୨୯/୧: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଆସନ୍ତା ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ସରକାର ତାଙ୍କ ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି । ତେବେ ଆସନ୍ତା ବର୍ଷ ଭାରତୀୟ ଅର୍ଥବ୍ୟବସ୍ଥାର ଗତି ଧିମା ପଡ଼ିପାରେ ବୋଲି ଅନୁମାନ କରାଯାଉଛି । ଏଥର ଜିଡିପି ଅଭିବୃଦ୍ଧି ହାର ୬.୮% ରୁ ୭.୨% ଭିତରେ ରହିବ ବୋଲି ଅନୁମାନ କରାଯାଉଛି । ସେହିପରି ବେରୋଜଗାରୀରେ ସୁଧାର ଆସିବାର ସଙ୍କେତ ମିଳିଛି । ଭିତ୍ତିଭୂମି ଏବଂ ସୁରକ୍ଷା ଉପରେ ଜୋର୍ ଦିଆଯାଇଛି । ଗରିବ ଏବଂ ମଧ୍ୟବିତ୍ତଙ୍କୁ ଫୋକସ୍ କରାଯାଇଛି ।ସର୍ବେକ୍ଷଣ ଅନୁଯାୟୀ, ଆସନ୍ତା ଆର୍ଥିକ ବର୍ଷରେ ଭାରତର ଜିଡିପି ଅଭିବୃଦ୍ଧି ହାର ୬.୮% ରୁ ୭.୨% ଭିତରେ ରହିବ ବୋଲି ଅନୁମାନ କରାଯାଉଛି । ଯାହାକି ବର୍ତମାନର ଆର୍ଥିକ ବର୍ଷ ତୁଳନାରେ କମ୍। ସରକାରଙ୍କ ଅନୁଯାୟୀ, ଚଳିତ ବର୍ଷ ଅର୍ଥବ୍ୟବସ୍ଥା ୭.୪% ହାରରେ ଅଭିବୃଦ୍ଧି ପାଇବ, ଯାହା ଆଶାଠାରୁ ଭଲ ପ୍ରଦର୍ଶନ ।ସର୍ବେକ୍ଷଣ ଅନୁଯାୟୀ, ୧୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ବେରୋଜଗାର ହାର କମୁଛି । ୨୦୧୭-୧୮ରେ ବେରୋଜଗାର ହାର ୬ ପ୍ରତିଶତ ଥିଲା । ଯାହାକି ୨୦୨୩-୨୪ରେ ୩.୨ ପ୍ରତିଶତକୁ ହ୍ରାସ ପାଇଛି । ଏହା ସହ ସହରୀ ବେରୋଜଗାର ହାରରେ ମଧ୍ୟ ସାମାନ୍ୟ ସୁଧାର ଆସିଛି ।ଭିତ୍ତିଭୂମି ସୁଧାର ଦିଗରେ ସରକାର ଫୋକୋସ୍ କରୁଛନ୍ତି । ଗତବର୍ଷ ସରକାର ପୁଞ୍ଜିଗତ ବ୍ୟୟର ୭୫ ପ୍ରତିଶତ ଭାଗ କେବଳ ପ୍ରତିରକ୍ଷା, ରେଲୱେ ଏବଂ ସଡ଼କ ପରିବହନରେ ଖର୍ଚ୍ଚ କରିଛନ୍ତି । ସରକାର ଉପସ୍ଥାପନ କରିଥିବା ଆର୍ଥିକ ସର୍ବେକ୍ଷଣର ଦୁଇଟି ବଡ଼ କଥା ହେଲା-ପ୍ରଥମଟି ହେଉଛି, ଭାରତ ଏବେ ଜାପାନକୁ ପଛରେ

ପକାଇ ଦୁନିଆର ଚତୁର୍ଥ ସବୁଠୁ ବଡ଼ ଅର୍ଥବ୍ୟବସ୍ଥା ପାଲଟିଛି । ଦ୍ୱିତୀୟଟି ହେଉଛି, ବହୁ ଚ୍ୟାଲେଞ୍ଜ୍ ସତ୍ତ୍ୱେ ଭାରତୀୟ ଅର୍ଥବ୍ୟବସ୍ଥା ଚାରି ଟ୍ରିଲିୟନ ଡଲାର ପାର୍ କରି ତୀବ୍ର ଗତିରେ ଆଗକୁ ବଢୁଛି । ବୃଦ୍ଧିହାର କମିବା ଆଶଙ୍କାର କାରଣ-ବର୍ତ୍ତମାନର ବୈଶ୍ୱିକ ସ୍ଥିତି ଯୋଗୁଁ ଅଭିବୃଦ୍ଧି ହାର କମିବା ଆଶଙ୍କା କରାଯାଉଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ୱାର୍ ପାଇଁ ଭାରତୀୟ ଉଦ୍ୟୋଗ ଉପରେ ବଡ଼ ପ୍ରଭାବ ପଡ଼ିଛି ।

ଯାତ୍ରା ଅନୁଷ୍ଠାନ ଟ୍ରକ ଓଲଟି ୪ଗୁରୁତର

ପାଣିଗୋଇଲି,୨୯/୧: ଯାତ୍ରା ଜଗତ ପାଇଁ ଆଉ ଏକ ଦୁଃଖଦ ଖବର ଆସିଛି । ଯାତ୍ରା ପାର୍ଟିଟ୍ରକ ଓଲଟି ୪ଜଣ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି । ରାନୀ ପଣ୍ଡାଙ୍କ ଯାତ୍ରା ଅନୁଷ୍ଠାନର ଟ୍ରକ୍ ଓଲଟିଥିବା ସୂଚନା । ଘଟଣା ଅନୁସାରେ ଯାଜପୁର ଜୋଗେଇପୁର ଅପେରା ନାଟ୍ୟ ମଣ୍ଡପ ଯାତ୍ରା ସାରି ଅନୁଷ୍ଠାନ ଗାଡ଼ି ପରବର୍ତ୍ତୀ ଜ୍ୟାଜ୍ଞ କୁ ଯାଉଥିଲା । ଏହି ସମୟରେ ଗୋଗେଇପୁର ପାଖରେ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଫଳରେ ୪ଜଣ ଗୁରୁତର ଆହତ ହୋଇଛନ୍ତି । ଜଣଙ୍କ ଅବସ୍ଥା ଙ୍କଦଂପନ୍ନ ରହିଛି । ଗୁରୁତରଙ୍କୁ ପ୍ରଥମେ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

ଆମେରିକା ଗସ୍ତରେ ଯିବେ ଜୟଶଙ୍କର

ୟୁରୋପ ପରେ ଟାର୍ଗେଟରେ ଆମେରିକା !

ନୂଆଦିଲ୍ଲୀ,୨୯/୧: ଆସନ୍ତା ସପ୍ତାହରେ କ୍ରିଟିକାଲ୍ ମିନେରାଲ୍ସମନ୍ତ୍ରୀସ୍ତରୀୟ ବୈଠକରେ ଯୋଗଦେବା ପାଇଁ ଆମେରିକା ଗସ୍ତ କରିବେ ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର । ୱାଶିଂଟନ୍ ଡିସିରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକ ଆମେରିକାର ବୈଦେଶିକ ସଚିବ ମାର୍କୋ ରୁବିଓଙ୍କ ଦ୍ୱାରା ଆୟୋଜିତ ପ୍ରଥମ ଉଚ୍ଚସ୍ତରୀୟ ବୈଠକ । ଏହି ଅବସରରେ ଜୟଶଙ୍କର ଓ ରୁବିଓ ଅନେକ ପ୍ରସଙ୍ଗ ଉପରେ ଆଲୋଚନା କରିବେ ବୋଲି ଆଶା କରାଯାଉଛି ।ଏହି ବୈଠକର ଲକ୍ଷ୍ୟ ହେଉଛି ବିଶ୍ୱର ଦେଶଗୁଡ଼ିକୁ ଏକତ୍ରିତ କରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ଯୋଗାଣ ଶୃଙ୍ଖଳକୁ ସୁରକ୍ଷିତ କରିବା ପାଇଁ ସହଯୋଗ ବୃଦ୍ଧି କରିବାସେଉଁଥିରେ ଲିଥିୟମଗ୍ରାଫାଇଟ୍ ଓ ନିକେଲ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଅନ୍ତର୍ଭୁକ୍ତଯାହା ବୈଦ୍ୟୁତିକ ଯାନବାହନ ଏବଂ ନବୀକରଣୀୟ ଶକ୍ତି ଭିତ୍ତିଭୂମି ଠାରୁ ଆରମ୍ଭ କରି ପ୍ରତିରକ୍ଷା ବ୍ୟବସ୍ଥା ପର୍ଯ୍ୟନ୍ତ ସବୁକିଛିର ମୂଳଦୁଆ ।ଟ୍ରେଡ୍ ବିଲକୁ ନେଇ ଆମେରିକାର ଖସ୍ତାଏହି ଉଚ୍ଚସ୍ତରୀୟ ବୈଠକ ଏପରି ଏକ ସମୟରେ ହେଉଛିଯେତେବେଳେ କି ଟ୍ରେଡ୍ ବିଲକୁ ନେଇ ଭାରତ ଓ ଆମେରିକା ମଧ୍ୟରେ ଉନ୍ନେଜନା ବୃଦ୍ଧି ପାଇଛି । ଏଭଳି ପରିସ୍ଥିତିରେ ବିଶ୍ୱାସ କରାଯାଉଛି ଯେ ଜୟଶଙ୍କରଙ୍କ ଆମେରିକା ଗସ୍ତ ଭାରତ ଓ ଆମେରିକା ସମ୍ପର୍କରେ ଉନ୍ନେଜନା କମ କରିବା ପାଇଁ ଏକ ପ୍ରୟାସ ଭାବରେ କାର୍ଯ୍ୟ କରିବ । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ହେବାର ସମ୍ଭାବନା ଉପରେ ମଧ୍ୟ ଆଲୋଚନା ହୋଇପାରେ । ସୂତ୍ର ଅନୁସାରେ ଜୟଶଙ୍କରଙ୍କ ଆମେରିକା ଗସ୍ତ ଏକ ସ୍ପଷ୍ଟ ସୂଚନା ହେବ ଯେ ଦୁଇ ଦେଶ ମଧ୍ୟରେ ଥିବା ବିବାଦର ସମାଧାନ ହୋଇଛି ।

ସ୍କୁଟିକୁ ଘୋଷାରି ନେଲା ମାଲ୍ ବୋଝେଇ ଟ୍ରକ୍, ଯୁବକ ମୃତ

ସୁନ୍ଦରଗଡ଼,୨୯/୧(ନି/ପ୍ର): ଆଜି ସକାଳେ ତଳସରା ଥାନା ବାଲିଶଙ୍କରା ବ୍ଲକ୍ କାର୍ଯ୍ୟାଳୟ ନିକଟ ମୁଖ୍ୟ ରାସ୍ତାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ସ୍କୁଟିଆରୋହୀଙ୍କୁ ପଛ ପଟୁ ଏକ ମାଲ୍ ବୋଝେଇ ଟ୍ରକ୍ ଧକ୍କା ଦେବା ସହ ଘୋଷାରିନେଇ ଯାଇଥିଲା । ଟ୍ରକ ଚକ ତଳେ ପେଷି ହୋଇ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଯାଇଛି । ମୃତକଙ୍କ ପରିଚୟ ମିଳିଛି।ସେ ହେଲେ ବାଲିଶଙ୍କରା ବ୍ଲକ୍ ବାହୁଡିହି ମିଞ୍ଚପଡ଼ାର ରାକେଶ କିଣ୍ଡୋ (୩୮) । ଟ୍ରକଟି ସୁନ୍ଦରଗଡ଼ ଟପୁ ବାଲିଶଙ୍କରା ହୋଇ ରାଜସ୍ଥାନ ଯାଉଥିଲା । ଗାଡ଼ି (ଓଡି ୧୬ ପି ୩୨୨୨)ରେ ରାକେଶ ଆସୁଥିଲେ । ଏହି ସମୟରେ ପଛରୁ ଦ୍ରୁତଗତିରେ ଟ୍ରକ (ଆରଜେ ୦୨ ଜିସି ୫୨୮୫) ଆସି ଧକ୍କା ଦେଇଥିଲା । ଅଙ୍ଗେ ପାଖରୁ ରାକେଶଙ୍କ ଶରୀର ଛିଣ୍ଡି ଅଲଗା ହୋଇଯାଇଛି । ଘଟଣାସ୍ଥଳରେ ପୁଲିସ ପହଂଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଆରମ୍ଭ କରିଛି ।

ବାରାମତିରେ ଅଜିତ୍ ପାୱାରଙ୍କୁ ଅଶ୍ରୁଳ ବିଦାୟ

ଶେଷ ଦର୍ଶନ କରିବା ପାଇଁ ବାରାମତିରେ ଜନ ସମୁଦ୍ର

ନୂଆଦିଲ୍ଲୀ,୨୯/୧: ବିଦଂଗତ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କର ଅନ୍ତ୍ୟେଷ୍ଟି କାର୍ଯ୍ୟକ୍ରମ ବାରାମତିରେ ଶହ ଶହ ସଂଖ୍ୟକ ଲୋକଙ୍କ ଉପସ୍ଥିତି ଚାଲିଛି । ନିଜର ପ୍ରିୟ ନେତାଙ୍କୁ ଶେଷ ବିଦାୟ ଦେବାକୁ ବାରାମତି ବିଦ୍ୟା ପ୍ରତିଷ୍ଠାନ ପଡ଼ିଆରେ ପହଂଚି ଥିଲେ । 'ଅଜିତ ଦାଦା ଅମର ରହେ' ସ୍ଲୋଗାନ ଭିତରେ ମହାରାଷ୍ଟ୍ର ରାଜନୀତି ଅନ୍ୟତମ ନାୟକ ଅଜିତ ପାୱାରଙ୍କୁ ବାରାମତିର ସମସ୍ତ କର୍ମ କରିଥିଲେ । ଅନ୍ତ୍ୟେଷ୍ଟିରେ ଯୋଗ ଦେବାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍ ପ୍ରମୁଖ ବାରାମତିର ବିଦ୍ୟା ପ୍ରତିଷ୍ଠାନ ପଡ଼ିଆଠାରେ ପହଂଚି ଥିଲେ । ଲୋକମାନେ ବିଦାୟ ଦେଇଛନ୍ତି । ବୁଧବାର ସକାଳେ ବିମାନ ଦୁର୍ଘଟଣାରେ ୬୬ ବର୍ଷରେ ଅଜିତ ପାୱାରଙ୍କ ପରଲୋକ ଘଟିଥିଲା । ବିମାନରେ ତାଙ୍କ ସହିତ ଉପସ୍ଥିତ କ୍ୟାପଟେନ୍ ସୁମିତ କପୁର, ପ୍ରଥମ ଅଫିସର ସମ୍ଭାବୀ ପାଠକ, ଫ୍ଲାଇଟ ଆଟେଡାଂଟ ପିଙ୍କି ମାଲି ଓ ଅଜିତ ପାୱାରଙ୍କ ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ ବିଧିର୍ ଜାଧବଙ୍କର ମଧ୍ୟ ମୃତ୍ୟୁ ହୋଇଥିଲା । ଗୁରୁବାର ପାୱାର ପରିବାର ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ବିଦ୍ୟା ପ୍ରତିଷ୍ଠାନଠାରେ ବହୁସଂଖ୍ୟକ କର୍ମୀ, ସ୍ଥାନୀୟ ଲୋକ, ନେତା, ସମର୍ଥକ ଓ ରାଜନେତାଙ୍କ ଉପସ୍ଥିତିରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହିତ ଏନ୍.ସିପି ମୁଖ୍ୟଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ । ସକାଳ ୯ଟା ପର୍ଯ୍ୟନ୍ତ ଶେଷ ଦର୍ଶନ ପାଇଁ ଅଜିତଙ୍କ ମୃତଦେହ ତାଙ୍କ ଜାତେବାଡ଼ି ବାସଭବନରେ ରଖାଯାଇଥିଲା । ୯.୪୫ରେ ଶୋଭାଯାତ୍ରା ମଧ୍ୟରେ ପାର୍ଥିବ ଶରୀରକୁ ବିଦ୍ୟା ପ୍ରତିଷ୍ଠାନକୁ ନିଆଯାଇଥିଲା । ରାସ୍ତାର ଦୁଇ ପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଲୋକ ଉପସ୍ଥିତ ରହି ନିଜ ପ୍ରିୟ ନେତାଙ୍କ ଶେଷ ଦର୍ଶନ କରିଥିଲେ ।

ଠିକାଦାର ଡାଟାବେସ ମ୍ୟାନେଜମେଣ୍ଟ ସିଷ୍ଟମ ୩.୦ର ଶୁଭାରମ୍ଭ

ଭୁବନେଶ୍ୱର,୨୯/୧: ରାଜ୍ୟରେ ପୂର୍ତ୍ତ ବିଭାଗରେ କାମ କରୁଥିବା ଠିକାଦାର ମାନଙ୍କ ପାଇଁ ନୂଆ ବ୍ୟବସ୍ଥା । ଠିକାଦାର ପରିଚାଳନା ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସରଳ ଓ କାର୍ଯ୍ୟକ୍ଷମ କରିବାକୁ ଠିକାଦାର ଡାଟାବେସ ମ୍ୟାନେଜମେଣ୍ଟ ସିଷ୍ଟମ ୩.୦ର ଶୁଭାରମ୍ଭ ହୋଇଛି । ପୂର୍ତ୍ତ ବିଭାଗ ବ୍ୟତୀତ ଜଳସମ୍ପଦ, ଗୃହ ଓ ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଏବଂ ପଂଚାୟତିରାଜ ବିଭାଗ ଏହି ବ୍ୟବସ୍ଥା ଆପଣାଇବେ । ୨୦୧୮ ମସିହାରେ ମାନୁଆଲ ପରିଚାଳନା ବ୍ୟବସ୍ଥା ଦୂର କରି ଇ-ଗଭରନାନ୍ସର ଅଂଶ ବିଶେଷ ଭାବେ ସିଡିଏମଏସ ଆପ୍ଲିକେସନ ଆରମ୍ଭ ହୋଇଥିଲା ।

ଜାନୁଆରି ୩୧ରୁ ଉତର ଭାରତରେ ପ୍ରବଳ ତୁଷାରପାତ ଓ ବର୍ଷା ସମ୍ଭାବନା

ନୂଆଦିଲ୍ଲୀ,୨୯/୧: ଉତର ଭାରତରେ ପ୍ରବଳ ଶୀତ ଓ ତୁଷାରପାତ ଲାଗି ରହିଥିବାବେଳେ ଆଗକୁ ମଧ୍ୟ ଏଥିରେ ନିସ୍ତାର ମିଳିବାର ସମ୍ଭାବନା ନାହିଁ । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଆଗାମୀ ଦିନରେ ଉତର ଉତର ଭାରତରେ ପ୍ରବଳ ବର୍ଷା ଓ ତୁଷାରପାତ ପାଇଁ ଚେତାବନୀ ଦେଇଛି । ହିମାଳୟ ଅଞ୍ଚଳରେ ପଶ୍ଚିମୀ ଝଡ଼ ପ୍ରଭାବରେ ଜାନୁଆରି ୩୧ରୁ ଫେବୃଆରି ୨ ତାରିଖ ପର୍ଯ୍ୟନ୍ତ ପ୍ରବଳ ତୁଷାରପାତ ସହିତ ବର୍ଷା ହେବାର ସମ୍ଭାବନା ରହିଛି । ପଶ୍ଚିମୀ ଝଡ଼ ପ୍ରଭାବରେ ଶନିବାରଠାରୁ ଉତରପଶ୍ଚିମ ଭାରତ ତଥା ସଂଲଗ୍ନ କେନ୍ଦ୍ରୀୟ ଭାରତରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ଉତ୍ତରପଶ୍ଚିମ ଭାରତ, ସଂଲଗ୍ନ କେନ୍ଦ୍ରୀୟ ଭାରତ ତଥା ପୂର୍ବ ଭାରତର କେତେକ ସ୍ଥାନରେ ସୋମବାର ପର୍ଯ୍ୟନ୍ତ ଘନକୁହୁଡ଼ି ଦେଖାଯାଇପାରେ । ଦିଲ୍ଲୀରେ ଆକାଶ ମେଘାଚ୍ଛନ୍ନ ରହିବ, ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖାଯିବ । ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୧୭ ଡିଗ୍ରିରୁ ୧୯ ଡିଗ୍ରି ମଧ୍ୟରେ ରହିବ । ସର୍ବନିମ୍ନ ତାପମାତ୍ରା ୬ ଡିଗ୍ରିରୁ ୮ ଡିଗ୍ରି ମଧ୍ୟରେ ରହିବ । ଶୁକ୍ରବାର ଦିଲ୍ଲୀରେ ଆକାଶ ମେଘୁଆ ରହିବା ସହିତ ହାଲୁକା କୁହୁଡ଼ି ଦେଖାଯିବ । ଶନିବାର ଦିଲ୍ଲୀରେ ଝଡ଼ ଓ ପବନ ସହିତ ହାଲୁକା ବର୍ଷା ହେବ । ଅନ୍ୟପକ୍ଷରେ ହିମାଚଳ ପ୍ରଦେଶରେ ବୃଧବାର ପ୍ରବଳରୁ ଅତି ପ୍ରବଳ ଶୀତ ଅନୁଭୂତ ହୋଇଛି ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି । ହିମାଚଳ ପ୍ରଦେଶ, ଉତରାଖଣ୍ଡ, ପଞ୍ଜାବ, ହରିୟାଣା, ପଶ୍ଚିମ ଉତର ପ୍ରଦେଶ, ପୂର୍ବ ମଧ୍ୟ ପ୍ରଦେଶ ଓ କେନ୍ଦ୍ର ମହାରାଷ୍ଟ୍ର ଓ ଦିଲ୍ଲୀରେ ଗତ ୨୪ ଘଣ୍ଟାରେ ବୃଷ୍ଟିପାତର ବର୍ଷା ହୋଇଥିବା ଦେଖିବାକୁ ମିଳିଛି । ପଶ୍ଚିମୀ ଝଡ଼ ପ୍ରଭାବରେ ଜାନୁଆରି ୩୦ରୁ ଉତର ପଶ୍ଚିମ ଭାରତରେ ପାଣିପାଗରେ ପରିବର୍ତ୍ତନ ଆସିବ ବୋଲି କୁହାଯାଇଛି । ବୃଧବାର ଉତର ପ୍ରଦେଶ ଓ ରାଜସ୍ଥାନରେ ହାଲୁକା ବର୍ଷା ହୋଇଛି । ଜମ୍ମୁ ଏବଂ କାଶ୍ମୀର ସମେତ ଉତର ଭାରତରେ ଅନେକ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ବୃଦ୍ଧି ପାଇଛି ।

ଭାରତ-ଇୟୁ ବାଣିଜ୍ୟିକ ରାଜିନାମାକୁ ନୈରାଶ୍ୟଜନକ କହିଲା ଆମେରିକା



ୱାଶିଂଟନ: ଭାରତ- ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମଙ୍ଗଳବାର ହୋଇଥିବା ଐତିହାସିକ ମୁକ୍ତ

କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିନ୍ଦଲ ଷ୍ଟିଲ ପକ୍ଷରୁ ମହାସମାରୋହରେ ଗଣତନ୍ତ୍ର ଦିବସ ପାଳିତ

ସମ୍ବିଧାନ ଏକ ଦସ୍ତାବିଜ ନୁହେଁ; ଏହା କର୍ତ୍ତବ୍ୟ ଓ ଦାୟିତ୍ୱର ସଂକଳ୍ପ : ନବୀନ ଜିନ୍ଦଲ

କେନ୍ଦୁଝର,୨୯/୧(ନି/ପ):କେନ୍ଦୁଝର ଜିନ୍ଦଲ ଷ୍ଟିଲ ପକ୍ଷରୁ ଏହାର ସମସ୍ତ ପ୍ରତିଷ୍ଠାନ ସମେତ ବଡ଼ବିଲ ପେଲେଟ ପ୍ଲାଟ୍, କାଶିଆ ଆଲୋଇନ ଏଣ୍ଡ ଡୋଲୋମାଇଟ୍ ମାଇନ୍ସ, ରୋଇଡ଼ା-ଓ ମାଇନ୍ସ ଓ ଟେଟ୍ରା ମାଇନ୍ସରେ ବଡ଼ ଉତ୍ସାହ, ଦେଶପ୍ରେମ ଓ ସମ୍ବିଧାନ ପ୍ରତି ଗଭୀର ପ୍ରତିବଦ୍ଧତାର ପ୍ରଦର୍ଶନ ସହ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମାନ୍ୟବର ଲୋକସଭା ସାଂସଦ ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ଶ୍ରୀ ନବୀନ ଜିନ୍ଦଲ ଦେଶବାସୀଙ୍କୁ ଗଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ସ୍ୱତନ୍ତ୍ର ବାର୍ତ୍ତାରେ ସେ କହିଛନ୍ତି, "ସମ୍ବିଧାନ କେବଳ ଏକ ଦସ୍ତାବିଜ ନୁହେଁ; ବରଂ ସମାନତା, ସ୍ୱାଧୀନତାର ଅଧିକାର ସହ ଓ ଦାୟିତ୍ୱ ନିର୍ଦ୍ଦାରର ସଂକଳ୍ପ, ଯାହା ଆମକୁ ଜାନୁଆରୀ ୨୬ ସ୍ମରଣ କରାଇଛି । ସମ୍ବିଧାନ ଆମ ଅଧିକାରକୁ ସୁନିଶ୍ଚିତ କରିବା ସହ ଦେଶ ପ୍ରତି ଆମର କର୍ତ୍ତବ୍ୟକୁ ମଧ୍ୟ ମନେ ପକାଇଦେଇଛି । ଆମେ ସର୍ବଦା ସହ ତ୍ରିରଙ୍ଗା ଉତ୍ତୋଳନ କରିବା ସମୟରେ ଗଣତନ୍ତ୍ର, ଏକତା ଓ ଦେଶ ପ୍ରତି ସମର୍ପଣଭାବକୁ ଗୁରୁତ୍ୱ ଦେବା ଜରୁରୀ । ସଚେତନ ନାଗରିକ ଭାବେ ଦେଶର ପ୍ରଗତିରେ ଅବଦାନ ଦେବା ଓ ଆମ ଜାତୀୟ ପତାକାର ସମ୍ମାନକୁ ସର୍ବଦା ଅକ୍ଷୁଣ୍ଣ ରଖିବା ପାଇଁ ଏହି ଗଣତନ୍ତ୍ର ଦିବସରେ ଆମେ ସଂକଳ୍ପ ନେବା । " ବଡ଼ବିଲ ପେଲେଟ ପ୍ଲାଟ୍ ଏବଂ କାଶିଆ ଆଲୋଇନ୍ସ ଏଣ୍ଡ ଡୋଲୋମାଇଟ୍ ମାଇନ୍ସରେ ଜିନ୍ଦଲ ଷ୍ଟିଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ପଙ୍କଜ ମହାନ୍ତ ଜାତୀୟ ପତାକା ଉଡ଼ାଇବା ସହ ଅଭିବାଦନ ଗ୍ରହଣ କରିଥିଲେ । ଏହି ଅବସରରେ ସେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ନିଜ ଅଭିଭାଷଣରେ ରାଷ୍ଟ୍ର ନିର୍ମାଣରେ ଜିନ୍ଦଲ ଷ୍ଟିଲର ନିରନ୍ତର ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ । ରାଷ୍ଟ୍ର ନିର୍ମାଣରେ ନିରନ୍ତର ବିକାଶ ଓ ଗୋଷ୍ଠୀ ସମ୍ପତ୍ତିକରଣର ପ୍ରମୁଖ ଭୂମିକା ରହିଛି । ଏହାକୁ ହାସଲ କରିବା ପାଇଁ ସମସ୍ତଙ୍କୁ ଉଦ୍ୟମ କରିବା ପାଇଁ ସେ କହିଥିଲେ । ଶ୍ରୀ ନବୀନ ଜିନ୍ଦଲ ଓ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କ ଦୂରଦର୍ଶୀ ନେତୃତ୍ୱରେ ଜିନ୍ଦଲ ଫାଉଣ୍ଡେସନ ପାରିପାର୍ଶ୍ୱିକ ଅଞ୍ଚଳ ଓ ଏଠାକାର ବାସିନ୍ଦାଙ୍କ ଜୀବନରେ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଛି । ଜିନ୍ଦଲ ଫାଉଣ୍ଡେସନ ୧.୫ କୋଟି ଲୋକଙ୍କ ଜୀବନରେ ରୂପାନ୍ତର ଆଣିଥିବା ବେଳେ ୨୦୩୦ ସୁଦ୍ଧା ୫ କୋଟି ଲୋକଙ୍କ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆଣିବ ବୋଲି ଶ୍ରୀ ମହାନ୍ତ କହିଥିଲେ । ଏହି ଅବସରରେ ପେଲେଟ ପ୍ଲାଟ୍‌ର ପ୍ରତିଷ୍ଠା ଓ ପରିଚାଳନା ପାଇଁ ସର୍ବଦା ସହଯୋଗ ଓ ସମର୍ଥନ କରିଆସିଥିବା ଗ୍ରାମବାସୀଙ୍କୁ ଜିନ୍ଦଲ ଷ୍ଟିଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଗଣତନ୍ତ୍ର ଦିବସ ସମାରୋହରେ ଜିନ୍ଦଲ ଷ୍ଟିଲର ବିଜେଟିଆର-କୃଷ୍ଣର ହେଡ୍ ଶ୍ରୀ ପ୍ରମୋଦ କୁମାର ପାତ୍ର, ସେଲେଟ ପ୍ଲାଟ ହେଡ୍ ଶ୍ରୀ ସତୀଶ ସିନ୍ଦୁରିଆ, ଏଚଆର ଏଣ୍ଡ ଇଏସ ହେଡ- ବିଜେଟିଆର୍ ଶ୍ରୀ ବିପିନ ବିହାରୀ ପ୍ରଧାନଙ୍କ ସମେତ ବରିଷ୍ଠ ଅଧିକାରୀ, କର୍ମଚାରୀ, ପରିବାର ସଦସ୍ୟଙ୍କ ସମେତ ପାରିପାର୍ଶ୍ୱିକ ଗ୍ରାମର ବାସିନ୍ଦା ଓ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଉପସ୍ଥିତ ଥିଲେ । ସେହିପରି ଜିନ୍ଦଲ ଷ୍ଟିଲର ଟେଟ୍ରା ମାଇନ୍ସରେ ମଧ୍ୟ ମହାସମାରୋହରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ମାଇନ୍ସ ମ୍ୟାନେଜର ଶ୍ରୀ ଉଦବ୍ରାଜ ରାଉତ ଜାତୀୟ ପତାକା ଉଡ଼ାଇବା ସହ ଅଭିବାଦନ ଗ୍ରହଣ କରିଥିଲେ । ଅଧିକାରୀ, କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟଙ୍କ ସମେତ ସ୍ଥାନୀୟ ଗ୍ରାମାଞ୍ଚଳର ଶତାଧିକ ବ୍ୟକ୍ତି ଏହି ଉତ୍ସବରେ ସାମିଲ ହୋଇଥିଲେ ।

କୃଷି ଓଡିଶା-୨୦୨୬ ବୁଲିଲେ କେନ୍ଦୁଝର ଚାଷୀ

କେନ୍ଦୁଝର,୨୯/୧(ନି/ପ): ଭୁବନେଶ୍ୱରରେ ଆୟୋଜିତ କୃଷି ଓଡ଼ିଶା-୨୦୨୬ ମେଳା ବୁଲି ଦେଖିଲେ କେନ୍ଦୁଝର ବ୍ଲକର ୧୮ ଜଣ ଚାଷୀ । ଚଳିତ ମାସ ଜାନୁ ଆରୀ ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ କୃଷି ଓଡ଼ିଶା ମେଳାକୁ ଆତ୍ମା ଯୋଜନାରେ କୃଷି ସୂଚନା ପରାମର୍ଶ କେନ୍ଦ୍ର କେନ୍ଦୁଝର ବ୍ଲକ ତରଫରୁ ୧୮ ଜଣ ଚାଷୀ ଅନ୍ତରାଜ୍ୟ ପରିଭ୍ରମଣରେ ଯାଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ କେନ୍ଦୁଝର ବ୍ଲକ କୃଷି ଅଧିକାରୀ ସୁଶାନ୍ତ ପଣ୍ଡା ଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବୈଷୟିକ ପରିଚାଳକ ଶିବଶଙ୍କର ମିଶ୍ର ଙ୍କ ତତ୍ତ୍ୱାବଧାନରେ ଚାଷୀଗଣ ଭୁବନେଶ୍ୱର ମେଳାକୁ ଯାତ୍ରା କରିଥିଲେ । ସେଠାରେ ଚାଷୀଗଣ ବ୍ୟାଗ୍ ଟୋପି ଆଦି ପ୍ରାପ୍ତ କରି ବିଭିନ୍ନ ଜିଲ୍ଲାରୁ ସଞ୍ଚିତ ହୋଇଥିବା ପ୍ରକଳ୍ପଗୁଡ଼ିକୁ ଆନନ୍ଦରେ ପରିଦର୍ଶନ କରି ଜ୍ଞାନ ଅର୍ଜନ କରିବାର ସୁଯୋଗ ପାଇଥିଲେ । ଏହାକୁ ଚାଷୀମାନେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ ।

ବାଲ୍ୟ ବିବାହ ନିବାରଣ ନିମନ୍ତେ ସାଇକେଲ ରାଲି

କେନ୍ଦୁଝର,୨୯/୧(ନି/ପ): ୭୭ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ କେନ୍ଦୁଝର ଜିଲ୍ଲାର ଜିଲ୍ଲାପାଳ କାର୍ଯ୍ୟାଳୟଠାରୁ ବାଲ୍ୟ ବିବାହ ନିବାରଣ ନିମନ୍ତେ ଏକ ସାଇକେଲ ରାଲି ଆୟୋଜନ କରାଯାଇଥିଲା । ମାନ୍ୟବର ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏବଂ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ । ଅଂଶଗ୍ରହଣକାରୀମାନେ ଲାଡଣ୍ୟ ଷ୍ଟୋୟାର ବେଲ କେନ୍ଦୁଝର ଟାଉନ୍ ଆନା ଛକ ଅଭିମୁଖେ ସାଇକେଲ ରାଲି କରିଥିଲେ । ରାଲିର ମୁଖ୍ୟ ବିଷୟବସ୍ତୁ ଥିଲା 'ବେଟି ବଚାଓ ବେଟି ପଢ଼ାଓ' ଯୋଜନା ଅଧୀନରେ 'ବାଲ୍ୟବିବାହ ମୁକ୍ତ ଭାରତ'। କାର୍ଯ୍ୟକ୍ରମରେ ମାନ୍ୟବର ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଜିଲ୍ଲାପଳ, ପୋଲିସ ଅଧୀକ୍ଷକ, ବନଖଣ୍ଡ ଅଧିକାରୀ, ଅତିରିକ୍ତ ଜିଲ୍ଲପାଳ (ସାଧାରଣ), ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ଜିଲ୍ଲା କାର୍ଯ୍ୟ କ୍ରମ ଅଧିକାରୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ସବର ଶିଶୁ ବିକାଶ ଯୋଜନା ଅଧିକାରୀ, ମହିଳା ପର୍ଯ୍ୟବେକ୍ଷକ, ଅଙ୍ଗନୱାଡ଼ି କର୍ମୀ, କେନ୍ଦୁଝର ଜିଲ୍ଲାର ଡିସିସି ମମତା ଏବଂ ଡିଏଚଇଚୁର କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ୧୫୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ଏବଂ ସମ୍ମାନିତ ବ୍ୟକ୍ତିମାନେ ବାଲ୍ୟବିବାହ ବନ୍ଦ କରିବା ପାଇଁ ବାର୍ତ୍ତା ଦେଇଥିଲେ ଏବଂ ସଚେତନତା ପ୍ରଦାନ କରିଥିଲେ ।

ଜୟପୁରଠାରେ ଜିଲ୍ଲାପାଳଙ୍କ ୪୭ ଗୋଟି ମିଳିତ ଅଭିଯୋଗ ଶୁଣାଣି

ଜୟପୁର, ୨୯/୧(ନି/ପ): ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ଜିଲ୍ଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି କୋରାପୁଟ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ପୁଲିସ୍ ଅଧୀକ୍ଷ ଶ୍ରୀ ରହିତ କର୍ମୀ, ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ପାର୍ଥ ଜଗଦୀଶ କଶ୍ୟପ, ଉପଜିଲ୍ଲାପାଳ ଜୟପୁର କୁମାରି ଅଜାବରମ ସବ୍ୟ । ରେଡ୍ଡୀ, ସିଡ଼ିଓ କୋରାପୁଟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅଭିଯୋଗ ଶୁଣାଣିରେ ୧୩ ଗୋଟି ଗୋଷ୍ଠିଗତ ସମସ୍ୟା ଓ ୩୪ ଗୋଟି ବ୍ୟକ୍ତିଗତ ସମସ୍ୟା ସମୁଦାୟ ୪୭ ଗୋଟି ବିଭିନ୍ନ ସମସ୍ୟାର ଆଜି ଅଭିଯୋଗ ଶୁଣାଣି ହୋଇ ଥିଲା । ଆର୍ଥିକ ସମସ୍ୟା , ଘର ପଟା ସମସ୍ୟା, ଜମିବାଡି ବିବାଦ, ପାନୀୟ ଜଳ ସମସ୍ୟା, ସ୍ୱାସ୍ଥ୍ୟଗତ ସମସ୍ୟା, ରାସ୍ତା ଘାଟ, ବିଦ୍ୟୁତ ସମସ୍ୟା ନାଳ ନର୍ଦ୍ଦମା ଇତ୍ୟାଦି ବିଷୟରେ ଆଜି ଅଭିଯୋଗ ହୋଇଥିଲା । ଏହି ପରି ବିଭିନ୍ନ ସମସ୍ୟା ଉପରେ ଆଜି ଅଭିଯୋଗ ଶୁଣାଣି ହୋଇ ଥିଲା । ଏହି ଅଭିଯୋଗ ଶୁଣାଣିରେ ଜମି ଜମା ବିବାଦ ଲୋ ଭୋଲଟେଜ, ଜଳପ୍ରାଣ ସାଗର ତଟରେ ନିର୍ମାଣ ଧୂନ ପେଟ୍ରୋଲ ପମ୍ପ କୁ ବନ୍ଦ କରିବା, ଆଦି ଅଭିଯୋଗ ହୋଇଥିଲା । କୃଷକ କଲ୍ୟାଣ ମଂଚ କୋରାପୁଟ ତରଫରୁ ସମ୍ପାଦକ ନରେନ୍ଦ୍ର କୁମାର ପ୍ରଧାନ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇ ଜିଲାରେ ଧାନ ମଣ୍ଡି ଜଟନି ଛଟନି ବନ୍ଦ କରିବା , ଟୋକେନ ମାସ ମାସକ ସମସ୍ୟା ଆଦି ଅଭିଯୋଗ କରିଥିଲେ । ମଣ୍ଡିରେ ଧାନ ଓଜନ ହେଉ ନଥିବା, ମିଲର ପାଖକୁ ଚାଷୀ ନିଜେ ଗାଡି ବ୍ୟାବସ୍ଥା କରି ନେବାକୁ ପଡି ଥାଏ , ଖାଲି ଆଖା ବାବଦକୁ କୌଣସି ରେଜିଷ୍ଟାର ବ୍ୟବହାର କରାଯାଉ ନାହିଁ ଜିୟା ଚାଷୀଙ୍କୁ ଆଖା ବାବଦକୁ ଅର୍ଥ ପ୍ରଦାନ କରାଯାଉ ନାହିଁ , ପ୍ରତେଦ୍ଧ କ୍ଲାଙ୍କଟାଲ ପିଛା ୫ରୁ ୧୨ କେଜିଧାନ ଜଟାଯାଉଛି , ମଣ୍ଡିରେ ଜେଟ୍‌ଂସ ରସିଦ ପ୍ରଦାନ କରାଯାଉ ନାହିଁ । ଧାନ ବିକ୍ରୀ କଲାପରେ ଚାଷୀଙ୍କୁ ବହୁ ବିଳମ୍ବରେ ଅର୍ଥ ପ୍ରଦାନ କରାଯାଉଛି , ବହୁ ଚାଷୀଙ୍କର ଟୋକେନ ଆସିଥିବେ ମଧ୍ୟ ସଂଖ୍ୟକ ପଞ୍ଜିକରଣ ଅନୁସାରେ ଟୋକେନ ଆସୁ ନାହିଁ । ମିଲରଙ୍କ ଇଚ୍ଛା ମୁତାବକ ଧାନବେଳେ ଚାଷୀଙ୍କୁ ଧାନ ଫେରେଣ୍ଡ ନେବାକୁ ମିଳ ବାଧ କରୁଛନ୍ତି । ମଣ୍ଡିରେ ନୋଡାଲ ଅଧିକାରି ମଣ୍ଡିକୁ ଯାଉ ନାହାଁନ୍ତି, ଧାନ କ୍ରୟ ସମିତ୍ତା ବୈଠକରେ ଚାଷୀଙ୍କୁ ଡକାଯାଉ ନାହିଁ, ମାତ୍ର ଓ ସାତ୍ ସମସ୍ୟା ସବୁ ବେଳେ ଚାଷିଙ୍କ ରହୁଛି । ଆଜି ପର୍ଯ୍ୟନ୍ତ କୋଲାବ କେନାଲ ଶେଷ ଗୁଣ୍ଡରେ ପାଣି ପଙ୍ଗଚିପାଲୁ ନାହିଁ ଆଦି ଅଭଯୋଗ କରାଯାଉଛି । ବେଆଇନ ଡ୍ରମ୍ପ କାରବାର କୁ ବନ୍ଦ କରିବା ପାଇ ପୋଲିସ କୁ ନିବେଦ୍ଧ ଦେବା ପାଇ ଦାବି କରାଯାଉଛି । ଜୟପୁର ସହରରେ ଏହାର କାରବାର ଚାଲିଛି । ଏହା ଫଳରେ ସ୍ଥିତ ଗୋଷ୍ଠି କୁ ପଥ ଗାମି ହେଉଛନ୍ତି । ପୁରଣା ଫାୟାର ଷ୍ଟେସନ ଗ୍ରାଉଣ୍ଡରେ ପାଚେରି ନିର୍ମାଣ ସହ ପ୍ରବେଶ ଗ୍ୟାଟ ନିର୍ମାଣ କରିବାକୁ ଦାବି କରାଯାଇଛି । ପରିମଳ ବ୍ୟବସ୍ଥା ରେ ସ୍ୱଚ୍ଛତା ଆଣିବାକୁ ଦାବି କରାଯାଇଛି । ଜୟପୁର ବ୍ଲକ ଅନ୍ତର୍ଗତ ଫାଖୁଣି ରେ ପାଣି ୟ ଜଳ ସମସ୍ୟା ଦେଖାଯାଇଛି ଏହାର ସମାଧାନ କରିବାକୁ ଦାବି କରାଯାଇଛି ।ଏହି ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ସମ୍ବିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଶ୍ରୀମତୀ ବୃଷ୍ଟି ବୋରେଲ, ଜୟପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶକ୍ତି ପ୍ରସାଦ ମହାପାତ୍ର, ଜୟପୁର ତହସିଲଦାର ସବ୍ୟସାଚୀ ଜେନା, ଜିଲ୍ଲା ଶିକ୍ଷାଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅର୍ଚ୍ଚିତା ପ୍ରଧାନ, ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ଜିଲ୍ଲା ମଣ୍ଡଳ ଅଧିକାରୀ, ଜିଲ୍ଲା ସଂଚାୟତ ଅଧିକାରୀ, ବୁଢା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଅତିରିକ୍ତ ଖାଦ୍ୟଟି ଓ ଯୋଗାଣ ଅଧିକାରୀ, ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ, ରାସ୍ତା ଓ ଗୃହ ନିର୍ମାଣ ଅଧିକ୍ଷଣ ଯନ୍ତ୍ରୀ ଜୟପୁର, ଟିପିଏସଓଡିଏଲ୍ ଓ ବିଦ୍ୟୁତ ବିଭାଗର କର୍ମଚାରୀଙ୍କ ସହ ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ

ଅନୁଗୋଳ,୨୯।୧(ନି/ପ): ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ କଂଗ୍ରେସ ଭବନଠାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସକାଳ ୮ ଘଟିକା ସମୟରେ ଜିଲ୍ଲା ସଭାପତି ଶ୍ରୀ ପ୍ରଧାନ କଂଗ୍ରେସ ଭବନରେ ପହଞ୍ଚି ପ୍ରଥମେ ଅନୁଗୋଳର ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ ତଥା ଅନୁଗୋଳର ପ୍ରଥମ ବିଧାୟକ ସ୍ୱର୍ଗତ ହୃଷିକେଶ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ତାପରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ତାଙ୍କର ସମ୍ମାନ ଜାତୀୟ ପତାକାକୁ ପ୍ରଦର୍ଶନ କରିଥିଲେ । ଉପସ୍ଥିତ ସମସ୍ତ କଂଗ୍ରେସ ନେତା ଓ କର୍ମୀ ଜାତୀୟ ପତାକାକୁ ସମ୍ମାନ ଦେଇ ଜାତୀୟ ସଙ୍ଗୀତ ଗାନ କରିଥିଲେ । ପତାକା ଉତ୍ତୋଳନ କରି ସଭାପତି ଉପସ୍ଥିତ କର୍ମୀମାନଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ପ୍ରଦାନ କରି, ଭାରତବର୍ଷର ମହାନ ଗଣତନ୍ତ୍ରକୁ ଆଜିର ଦିନରେ ଯେଉଁ ଯୋଗଜନ୍ମାଙ୍କ ଆହ୍ୱାନ ପରିଣାମରେ ଦେଶ ସ୍ୱାଧୀନ ହୋଇ ଓ ସେମାନଙ୍କ ପ୍ରତେଷ୍ଟାରେ ସ୍ୱତନ୍ତ୍ର ସମ୍ବିଧାନକୁ ପ୍ରଚଳନ କରାଯାଇଥିଲେ ଓ ଆଜିର ଦିନରେ ୧୯୫୦ ମସିହାଠାରୁ ଆମେ ସର୍ବର ସହ ଆମେ ଭାରତୀୟ ଓ ଆମେ ଆମକୁ ଶାସନ କରିବାର ଏକ ସଂପଦ ନେଇଥିଲେ । ଇତି ମଧ୍ୟରେ ଆମେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ କରୁଛେ, ଏ ଭିତରେ ବହୁ ଘାତ ପ୍ରତିଘାତ ମଧ୍ୟ ଆସିଛି, ହେଲେ ଆମେ କଠୋର, ସେ ସବୁକୁ ଭାରତବାସୀ ସହି ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱକୁ ଅତୁଟ ରଖି ଆସିଛନ୍ତି । ବିଶ୍ୱରେ ଏକ ବିଗଦର୍ଶନ ଦେଇ ଆସୁଛି ଭାରତବର୍ଷ, ଯାହାକି ଧର୍ମନିରପେକ୍ଷ ରାଷ୍ଟ୍ର ଭାବରେ ବିଶ୍ୱଗୁରୁର ମର୍ଯ୍ୟାଦା ରକ୍ଷା କରିପିରିଛି । ଆଜି ଜିଛି ଶାନ୍ତି ନାମରେ ବିଭେଦ ସୃଷ୍ଟି କରି, ଦେଶର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଛନ୍ତି, ଯାହାକି କେବେବି ଭାରତବାସୀ ଗ୍ରହଣ କରିବେ ନାହିଁ। ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ହୋଇ ରହିଛୁ ଓ ଆଗାମୀ ଦିନରେ ମଧ୍ୟ ଏହି

ନିରପେକ୍ଷତାକୁ ବଜାୟ ରଖିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖୁଛୁ ବୋଲି ସମସ୍ତଙ୍କୁ ଂଗପଦ ନେବାକୁ ଆହ୍ୱାନ ଦେଇଥିଲେ । ଆଜିର ଏହି ପବିତ୍ର ଦିବସରେ ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସର୍ବଜ୍ଞୀ ଉମେଶ ଚନ୍ଦ୍ର ସାହୁ, ଗୋପାଳ ନାଥ, ତପନ ପଧାନ, ନୀଳକଣ୍ଠ ନାୟକ, ରାଜେଶ ମିଶ୍ର, ଅମୁଲ୍ୟ ବେହେରା, ସୁଦୀପ୍ ମିଶ୍ର, ସହଦେବ ବେହେରା, ସଂଗ୍ରାମ କୁଅଁର, ସୁବାସ ସାହୁ, ବିନୋଦ ମାଝୀ, ସୌମେନ୍ଦ୍ର ଦେହୁରୀ, ଅଶୋକ ନାୟକ, ଅଳକା ମହାନ୍ତି, ପଦ୍ମିନୀ ନାୟକ, ମାନିନୀ ପ୍ରଧାନ, କବିତା ଖାନ, ଭାରତୀ ମିଶ୍ର, ଅରୁଣ ବାସ, ଜୁନା ପୃଷ୍ଟି, ଆଲୋକ ଦେହୁରୀ, ଅନୁଜୁକ ବାସ, ବଦେସ ମହାରଣା, ବାଗୁଦେବ ସାମଲ, ଆଦିତ୍ୟ ସାହୁ ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

ଏକ ମନ,ଏକ ପ୍ରାଣ ହୋଇ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଢ଼ିବା : ମନମୋହନ ସାମଲ

ଭୁବନେଶ୍ୱର, ୨୯/୧(ନି/ପ): ବିଜେପି ରାଜ୍ୟ କାର୍ଯ୍ୟାଳୟରେ ସୋମବାର ବହୁ ଆଡ଼ମ୍ବରରେ ଦେଶର ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ଓଡ଼ିଶାର ସାଢ଼େ ୪କୋଟି ଜନତାଙ୍କୁ ସାଧାରଣତନ୍ତ୍ର ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା ଏବଂ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ଶ୍ରୀ ସାମଲ କହିଛନ୍ତି ଯେ, ୧୨୦୦ ବର୍ଷର ପରାଧୀନତା ପରେ ଲମ୍ବା ସଂଘର୍ଷ କରି ଦେଶ ସ୍ୱାଧୀନତା ପାଇଥିଲା । ଏହାପରେ ୧୯୫୦ ଜାନୁୟାରୀ ୨୬ରେ ସମ୍ବିଧାନ ପ୍ରଣୟନ ହୋଇଥିଲା । ଏହି ସମ୍ବିଧାନ ସମସ୍ତ ଦେଶବାସୀଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିଛି । ଆମ ସମସ୍ତଙ୍କ ପ୍ରେରଣାର କେନ୍ଦ୍ରବିନ୍ଦୁ ଡ. ଭୀମରାଓ ବାବା ସାହେବ ଆମ୍ବେଡକର ଦେଶକୁ ସଠିକ୍ ମାର୍ଗରେ ପରିଚାଳନା କରିବା ପାଇଁ ତାଙ୍କ ଟିମ୍ ସହ ମିଶି ସମ୍ବିଧାନ ପ୍ରଣୟନ କରିଥିଲେ । ଆଜି ଏହି ସମ୍ବିଧାନ ଶୁଦ୍ଧିମନ୍ତ ହୋଇଛି । ବିଜେପି ସବୁବେଳେ ସମ୍ବିଧାନକୁ ସମ୍ମାନ ଦେଇ ଆସିଛି । ଓଡ଼ିଶାରେ ଥିବା ସମ୍ମାନନୀୟ ଆମେ ଉପଯୋଗ କରିବାକୁ ଉଦ୍ୟମ କରୁ

ବିବିଧା

ଏଥର ୟୁପିସି ପରୀକ୍ଷାରେ ୧୩୩୮ ପ୍ରାର୍ଥୀ ସଫଳ

ଆଇଏଏସ ଦରମାଶୁଣା ପରୀକ୍ଷାରୋଧୀ ଆଜିକୁ ହୋଇଗଲାଣି ପୂର୍ବାପରେ ପ୍ରମାଣ କରିଛନ୍ତି ଯେ, ଦୃଢ଼ ସଙ୍କଳ୍ପଶକ୍ତି ଥିଲେ ଯେକୌଣସି କାମ କରିବା ସମ୍ଭବ । ସେ ଗାଇଘାନ୍‌ର ଗଙ୍ଗଗଳକୁମ୍ବା ଅଞ୍ଚଳର ଜାନୁଆରୀ ୧୦୧୧ ରୁ ଅଗଷ୍ଟ ଜାନକଲଣ(ଲାଲି କିମ୍ବା ଫ୍ରୋଟେଣ୍ଟିଲ୍ ସିଲଭର) ବିକ୍ରୀ କରି ଚଳିଛନ୍ତି । ୧୯୬୭ ମସୁଟ ଲଗା । ଏହି ଚିଜ୍ରିକୁ ସେ ମାତ୍ର ୨୦ ମିନିଟ୍‌ରେ କରିଥିଲେ । ଗୁରୁତର ପାଦାଙ୍କ ଓ ଚଳାଣ କରୁଥିବା ଆଜିକେହେଁ ପାର୍ଟି ସଂପୂର୍ଣ୍ଣ ଭାବେ ଏଇ ଏକ ନିଆରା ଅନୁଭୂତି ଥିଲା ବୋଲି ସେ କହିଛନ୍ତି । ସେ ଏହି ଭାରମାମା ଜଟିଳତାରେ ଓଡ଼ିଶାରେ ଦାଙ୍କ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଥିଲା । ଏହି ସୁରକ୍ଷ ଅଟ୍ଟାଳିକାର ଦେଖି, ସଜାସଜି ପାଇଁ ରଖାଯାଇଥିବା ଜଡ଼ ଓ ଏଣ୍ଟ ଜଂଗଳମାଳ ସହଯୋଗ ନେଇ ସେ ଗୋଟି ଏ ପରେ ଗୋଟି ଏ ମଇଲା ଚଢ଼ି ଚାଲିଥିଲେ । ଚଢ଼ନ ସମ୍ବନ୍ଧ ନିସ୍ତବ୍ଧ ରଖି ଏତେ ଜଳ ଚିଜ୍ରିଙ୍କ ଚଢ଼ିବା ତାଙ୍କ ପାଇଁ ବେଶ୍ କଷ୍ଟକର ଥିଲା । ଏହି ଚିଜ୍ରିର ଲାଗି ବେଶରେ ମଧ୍ୟଶିକ୍ଷା ମଣ୍ଡଳ ଲାଲ୍-ପି-ସାର୍ଟ ପିନ୍ଧିଥିବା ଆଜିକେହେ ଜଳ ବଳାଳ ଜଳ ମଳାଲଥିଲେ । ପ୍ରଥମ ଥର ପାଇଁ ଭାରତ ପରଦେଶରେ ଦିନ ପୁରାଣ୍ଡା ଭାରତକରଣରେ 'ପ୍ରି ସେଲେଜ ଫ୍ଲାଇଟ୍' ହୋଇଛି । ଏହାପୂର୍ବରୁ ପ୍ରାନ୍ତୁ ପର୍ଯ୍ୟଟାରୋଧୀ ଏଜେନ୍ସି ରବର୍ଟ ଉଣ୍ଡି ସାହାଯ୍ୟରେ ଏହି ବିଜ୍ରି ଚଢ଼ିଥିଲା ।

ଭିନ୍ନ ଏକ କାରାଗାର

ଜେଲ କୁହେଁ ସୁଶିକ୍ଷା ମାତ୍ରେ, ଅଥାତ୍ ଲୋଟଗା, ବନ୍ଦୁ ବନ୍ଧୁ ଭାଇ ଭାଇ ଆଶି ଭାଗ୍ୟବାଦ ଭାଇଆଏ । ସେହିପରି କାରାଗାରରୁ ଯେପରି ଲୌଣସି କଏଦୀ ଖସି ପଳାୟନ ନ କରେ ଏଥିପାଇଁ ପ୍ରଗତିଶୀଳ ପ୍ରଯୋଗ ହୋଇଥାନ୍ତି । ହେଲେ ଏହାଠୁ ଭିନ୍ନ ଗ୍ରାନ୍ଟ୍‌ଲାଣ୍ଡର ଟୁକ୍ କାରାଗାର । ଏଠାରେ ଡେନ ପ୍ରିଜନ୍ (ମୁକ୍ତ କାରାଗାର) ଦିଷ୍ଟମ ଲାଗୁ କରାଯାଇଛି । ଯେଉଁଥିରେ ସାଜା ଦେବାର ଅର୍ଥ କେବଳ ବନ୍ଦୀ ନୁହେଁ, ବରଂ ଜଣେ କଏଦୀକୁ ଭଲ ମଣିଷ କରିବା । ଜେଲୁ ଏହି କାରାଗାରରେ ଭଲ ପ୍ରତୀତ କିମ୍ବା ଛୁଆର ମଳଭୁକ ପାଟକ ନ ଥାଏ । ଏଥାଙ୍କେ ହି କଏଦୀ କେବଳ ଭୁଲି ମଳାଇ ଯାନ୍ତି ନାହିଁ । ଏଥାଇ କାରାଗାର ହେଉଛି ଏଠାକାର ସମାଜର ପ୍ରତିଛବି ନିୟମ ଏବଂ ସେମାନଙ୍କ ଦିନଚର୍ଯ୍ୟା । ଏହି କାରାଗାରଗୁଡ଼ିକୁ ମାଇଲ୍ ଭେଲ ଜୁଆଯାଏ । ଏଠାରେ କଏଦୀମାନେ ଦିନରେ ଚାକିରି କରିବା ସହ ପାଠପଢ଼ିବା, ବନ୍ଧୁବାନ୍ଧବାଙ୍କ ପ୍ରତିଶ୍ରୁତିରେ ସାମିଲ ହେବା ସହ ବାହାରର କାର୍ଯ୍ୟକଳାପରେ ଅଂଶ ଗ୍ରହଣ କରିପାରନ୍ତି । ସନ୍ଧ୍ୟା ହେବା ମାତ୍ରେ ସବୁ କଏଦୀ ପୁଣିଥରେ କାରାଗାରକୁ ଫେରି ଆସନ୍ତି । ଏହି ବାଟରୁ କଏଦୀମାନଙ୍କୁ ସମାଜ ସହ ଯୋଡ଼ି ରଖୁଥାଏ । ହେବେ ଗ୍ରୀନ୍‌ଲାଣ୍ଡର ସମ୍ପୂର୍ଣ୍ଣ ଜନସଂଖ୍ୟା ୫୭ ହଜାର ରହିଛି । ଏଠାରେ ପ୍ରାୟତଃ ଲୋକ ପ୍ରାୟତଃ ଲୋକଙ୍କୁ ଚିହ୍ନିଥାନ୍ତି । ନେଣୁ ଲୌଣସି କଏଦୀ ଏଠାରେ ନିୟମ ଭାଙ୍ଗିଲେ କିମ୍ବା ଖସି ପଳାଇବାକୁ ଉଦ୍ୟମ କଲେ, ତାଙ୍କ ଖବର ସମ୍ପୂର୍ଣ୍ଣ ଅଞ୍ଚଳରେ ବ୍ୟାପିଯାଏ । ଏପରିସ୍ଥିତିରେ କୌଣସି କଏଦୀ କୁଦି କରିବା ଅବସର ନ ପାଇବାରୁ ଗ୍ରୀନ୍‌ଲାଣ୍ଡରେ ଏହି ଜୁଆଡ଼ ଜେଲ ୨୦୨୯ ମସିହାରେ ଆରମ୍ଭ ହୋଇଥିଲା । ଏଠାରେ କଏଦୀଙ୍କୁ ଖାଦ୍ୟ ପ୍ରସ୍ତୁତି କରିବାର ସ୍ୱାଧୀନତା ମଧ୍ୟ ରହିଛି । ସେହିପରି ସେମାନଙ୍କୁ ଫୋନ୍ ବ୍ୟବହାର କରିବା ଏବଂ ପରିବାର ସମ୍ପର୍କରେ ରହିବାର ଅନୁମତି ମଧ୍ୟ ରହିଛି । କଏଦୀମାନେ ସମାଜରୁ ନିଜକୁ ପୃଥକ୍ ମନେ ନ କରିବା ପାଇଁ ଏହି ବ୍ୟବସ୍ଥା ରହିଛି । ପୂର୍ବରୁ ଗ୍ରୀନ୍‌ଲାଣ୍ଡ ଅପରାଧୀଙ୍କୁ ଜେଲ ମାର୍ଗ ପଠାଯାଉଥିଲା । ଏବେ ନୀତି ବଦଳି ଯାଇଛି । ଏବେ ଦେଶ ମଧ୍ୟରେ କଏଦୀମାନଙ୍କୁ ରଖାଯାଇଛି । ଏପରି କରିବାର ବିଶେଷତ୍ୱକୁ ଦେଖିଛି କଏଦୀମାନେ ନିଜ ନିଜର ଅଂଶ ବୁଝି ଓ ମଇଲାର ସାଥ କହିଲେ ରହିଛନ୍ତି । ନିଜରେ ଏଠାରେ ଏପରି ଜେଲ୍ ନିର୍ମାଣର ଉଦ୍ଦେଶ୍ୟ କଏଦୀଙ୍କୁ ଏକ ଉନ୍ନତ ଜୀବନ ଦେଇ ସମାଜର ମୂଳସ୍ରୋତରେ ପାମିଲା ଉଚିତ ।



ନିଆରା ପରମ୍ପରା

୪୨ ଦିନ ମୋବାଇଲ, ଟିଭି ମନା

ଦ୍ୱିତୀୟରେ ଏମିତି ଅଜବର ପରମ୍ପରା ମଧ୍ୟ ଆଜି ବିଜ୍ଞାନରେ ଜାଣି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ । ବିଜ୍ଞାନ୍ତ ମଧ୍ୟରେ ଏକତା ଭାରତୀୟ ଏଂଗ୍ଲିଶ ପରିଚୟ । ଏହି ଦୁମରେ ଜିମାଚଳ ପ୍ରଦେଶରେ ଏକ ନିଆରା ପରମ୍ପରା ଦେଖିବାକୁ ମିଳେ । ଆଜିବାଲି ମୋବାଇଲକୁ ଛାଡ଼ି ଘରେ ରହିବା ଦୁଷ୍କର ହୋଇଥିବାବେଳେ ଜିମାଚଳ ପ୍ରଦେଶର ମନାଲି ସିଟ ଘାଟିର ପ୍ରାୟ ୯ଟି ଗାଁର ଲୋକ ମକର ସଂକ୍ରାନ୍ତି ପରେ ଏକ ଅଜବ ପରମ୍ପରାକୁ ପାଳନ କରିଛନ୍ତି ୪୨ ଦିନ ଲାଗି ମୋବାଇଲ ଅଛଲମ୍ବନ କରିଛନ୍ତି । ଏହି ସମୟରେ ଗାଁର କୌଣସି ବ୍ୟକ୍ତି ମୋବାଇଲ, ଟିଭି କିମ୍ବା କୌଣସି ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର କରନ୍ତି ନାହିଁ । ମୋବାଇଲ୍, ଫୋନ୍‌ର ବିଲ୍‌ଟେକ୍, ବି କୁଣ୍ଡାଯାଏ ନାହିଁ । ଗୌଶାଳ, କୋଠି, ସୋଲାଙ୍ଗ, ପଲମାନ, ଗୁଣ୍ଡାଳ, ଚୁଲାଳ, ଶାଳାଲ, ବୁଲୁଥାଏ ଏବଂ ମମାଥ ଗାଁରେ ଏହି ଅନ୍ୟ ପରମ୍ପରା ପାଳନ କରାଯାଏ । ମାନ୍ୟତା ରହିଛି ଯେ, ଏହି ସମୟରେ ଦେବତା ଦେବୀଙ୍କ ଦ୍ୱାରା ଯେପରି କୌଣସି ବାଧାବିଘ୍ନ ନ ଆସେ ସେଥିପାଇଁ ଗୌମ୍ପ ଉଣ୍ଡି ଏବଂ ମାଗଦେବତାଙ୍କ ଆରାଧନା କରାଯାଏ । ତେଣୁ ମକର ସଂକ୍ରାନ୍ତି ପରେ ଏଠାରେ ଟିଭି, ରେଡିଓ ବନ୍ଦ ରଖିଥାଏ । ସେହିପରି ମୋବାଇଲଗୁଡ଼ିକୁ ସାଇଲେଣ୍ଟ ମୋଡ଼ରେ ରଖାଯାଏ । ମମିରେଣ ଜପାଟ ବନ୍ଦ ରହିବା ସହ ଘଣ୍ଟି ବଜାଇବା ପାଇଁ ବାରଣ କରାଯାଏ । ଏହି ସମୟରେ ବାଦ୍ୟଗାନ ମଧ୍ୟ କରାଯାଏ ନାହିଁ । ଅଧିକ ଭଜ ଶବ୍ଦରେ କେହି କଥାବାର୍ତ୍ତା ମଧ୍ୟ କରନ୍ତି ନାହିଁ । ହେବେ ଏହି ନିୟମ କେବଳ ଘର, ଗାଁ ଲୋକଙ୍କ ପାଇଁ ଉଚିତ୍ କାରା ଭୁଲରେ, ପର୍ଯ୍ୟଟକମାନେ ମଧ୍ୟ ଏହାକୁ ପାଳନ କରନ୍ତି । ଏହି କାରଣରୁ ଏହି ଗାଁଗୁଡ଼ିକୁ ପର୍ଯ୍ୟଟକମାନଙ୍କୁ ମଧ୍ୟ ଆସିବାକୁ ଦିଆଯାଏ ନାହିଁ । ଏଠାରେ ପ୍ରତ୍ୟେକ ଲୋକଦିଶ୍ୱାସ ଅନୁଯାୟୀ, ଦେବତାମାନେ ଦରଫାଏ ବଳି ପୂର୍ବରୁ ଘେରିବା ପରେ ସେମାନଙ୍କ ସ୍ୱାଗତ ନିମନ୍ତେ ଏହି ଗାଁଗୁଡ଼ିକରେ ଉତ୍ସବ ପାଳନ କରାଯାଏ । ଫୋଗଲି ରସ୍ତର ଯାଏ ଏହି ଗାଁଗୁଡ଼ିକରେ ଏମିତି ଶାନ୍ତ ପରିବେଶ ରହିଥାଏ । ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ପରମ୍ପରା ପିଢ଼ି ପରେ ପିଢ଼ି ପାଳନ କରାଯାଉଛି । ଯୁବପିଢ଼ି ମଧ୍ୟ ବେଶ୍ ଉତ୍ସାହର ସହିତ ଏଥିରେ ସାମିଲ ହେଉଛନ୍ତି । ଆଧୁନିକତା ଉତ୍ତରେ ପ୍ରାଗୀନ ମାନ୍ୟତାକୁ ପାଳନ କରିବା ବାସ୍ତବରେ ପ୍ରଶଂସନୀୟ । ବର୍ତ୍ତମାନ ଗ୍ରାମାଞ୍ଚଳ ଜମମାଏମରେ ଜିମାଚଳ ପ୍ରଦେଶରେ ଏହି ନିୟମକୁ ନେଇ ବେଶ୍ ଚର୍ଚ୍ଚା ହେଉଛି ।

'ଓ ରୋମିଓ' ଶାହିଦ୍ ନେଇଛନ୍ତି ୪୫ କୋଟି

ବିଖ୍ୟାତ ଅଭିନେତା ଶାହିଦ୍ କପୁରଙ୍କ ପିଲ୍ମ 'ଓ ରୋମିଓ'ର ଟ୍ରେଲର ନିକଟରେ ରିଲିଜ୍ ହୋଇଛି । ଏହାର ଟିର୍ଜେଣ୍ଟ ଦେଇଛନ୍ତି ବିଶାଲ ଭରଦ୍ୱାଜ । ବିଶାଲ ଓ ଶାହିଦ୍ ଦଳିଜରେ ଅନେକ ହିଟ୍ ପିଲ୍ମ ଦେଇଛନ୍ତି । 'ଓ ରୋମିଓ'କୁ ନେଇ ମଧ୍ୟ ଦର୍ଶକେ ଖୁବଲି କିଛି ଆଶା ରଖିଛନ୍ତି । ପିଲ୍ମର ଟ୍ରେଲର୍ ଓ ଟ୍ରେଲରକୁ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି । ଏହାର ଲାଭାଣ୍ଡା ଗ୍ୟାଙ୍ଗଷ୍ଟର୍, ହୁସେନ୍ ଉସ୍ତରାଙ୍କ ପରିବେଶ ଅଧାରିତ । ଶାହିଦ୍ ଏଥିରେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ଦମଦାର ଚର୍ଚ୍ଚା ହେଉଛି । ହେବେ ଏହି ପଲ୍ମ ପାଇଁ ଶାହିଦ୍ ପାରିଶ୍ରମିକ ବାବଦରେ ୪ କୋଟି ନେଇଛନ୍ତି । ଏଥିରେ ଦମଦାର ଭାଟିଆଳ ଏବଂ ଅଲାଟମ୍ ମଧ୍ୟ ରହିଛି । ସେ ଏହି ଆଲଟମ୍‌ଗୀତ ପାଇଁ ୬ କୋଟି ନେଇଛନ୍ତି । ନାନା ପାଟେକର୍‌ର ମଧ୍ୟ ଏଥିରେ ଗ୍ୟାଙ୍ଗଷ୍ଟର୍ ଭୂମିକାରେ ଦମଦାର ଅଭିନୟ କରିଛନ୍ତି । ତେବେ ପରିଶ୍ରମିକ ବାବଦରେ ୪ କୋଟି ନେଇଛନ୍ତି । ବିଶା ପଟ୍ଟାନିଙ୍କର ମଧ୍ୟ ଏଥିରେ ଏକ ଆଲଟମ୍ ମଧ୍ୟ ରହିଛି । ସେ ଏଥିପାଇଁ ୬ କୋଟି ନେଇଛନ୍ତି । ଆସନ୍ତା ମେଟ୍ରୋପୋଲିଟାନ ଏମାରେ ଏହା ସିନେମା ଘରରେ ମୁକ୍ତିଲାଭ କରିବ ।

ଆଜିର ଇତିହାସ

- ୧୯୧୬- ପ୍ରଥମ ବିଶ୍ୱଯୁଦ୍ଧରେ ଫ୍ରାନ୍ସ ଜର୍ମାନୀ ପ୍ରଥମ ଥର ଆକ୍ରମଣ କରଲା ।
- ୧୯୩୮- ରାମକୃଷ୍ଣ ମିଶନ ସଂସ୍କୃତିକ ସଂସ୍ଥାନର ଶୁଭାରମ୍ଭ ।
- ୧୯୫୩- ସଙ୍ଗୀତ ନାଟକ ଏକାଡେମୀର ସ୍ଥାପନା ।
- ୧୯୪୮- ଭାରତ ସରକାର 'ଏସୱାଇ' ଜର୍ସୀରେ ସହ ଆନ୍ଧ୍ରକୁ ଭର କରିଦେବେ ।
- ୨୦୦୩- ହିମାଚଳ ପ୍ରଦେଶ ବିଧାନସଭାକୁ ଭାଙ୍ଗି ଦିଆଗଲା ।

ଫୁଟ୍‌ବଲ୍ ସହ ୨୮ ଘଣ୍ଟା

ଜେଲେ ଫୁଟ୍‌ବଲ୍ ଖେଳାଟି ଏମିତି ଏକ କାରଣାମା ଯେଉଁ ଦେଖାଗଲେଣି, ଯାହା ଏତେ ସମ୍ପନ୍ନଙ୍କ ଦୃଷ୍ଟିଆକର୍ଷଣ କରିଛି । ସ୍ୱିଡେନ୍‌ର ପୁଟବଲ ଖେଳାଳି ଡାନି ଏଲ ଯାଲୋଲ ୨୮ ଘଣ୍ଟା ପର୍ଯ୍ୟନ୍ତ ଫୁଟ୍‌ବଲର ଭାରତୀୟ ପରକରଣ ଲଗାଇ ଲଗାଇ ଲଗାଇ

ଦୈନିକ ସମାଚାର

ସମ୍ପାଦକୀୟ...

ଶୁକ୍ରବାର ୩୦ ଜାନୁଆରୀ ୨୦୨୬

ସୀମା ଓ ସତ୍ୟ

ପୂର୍ବଲଦାଖର ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ଭାରତ ଏବଂ ଚୀନ୍ ମଧ୍ୟରେ ଲାଗି ରହିଥିବା ମୁହାଁମୁହିଁ ଅବସ୍ଥା ସମ୍ପର୍କରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସଂସଦରେ ପ୍ରଥମ ଥର ପାଇଁ ସରକାରୀ ଭାବରେ ବିବୃତି ରଖିଛନ୍ତି । ସୀମାରେ ଉପୁଜି ଥିବା ସାମ୍ପ୍ରତିକ ବିବାଦ ସମ୍ପର୍କରେ ଉଲ୍ଲେଖ କରିବା ସମୟରେ ସଂକ୍ଷେପରେ ସେ ଦୁଇ ପକ୍ଷଙ୍କ ମଧ୍ୟରେ ୧୯୮୮ରୁ ଏ ପର୍ଯ୍ୟନ୍ତ ଚାଲି ଆସିଥିବା ଅବସ୍ଥା ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହି ମସିହାରେ ସମ୍ପନ୍ନ ହୋଇଥିବା ରାଜିନାମାରେ ଦୁଇ ପକ୍ଷ ସୀମାରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ସହିତ ବିବାଦୀୟ ସ୍ଥଳରେ କୌଣସି ପ୍ରକାରର ହସ୍ତକ୍ଷେପ ନ କରି ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବାକୁ ସହମତ ହୋଇଥିଲେ । କିନ୍ତୁ ବିଗତ ପାଞ୍ଚମାସ ମଧ୍ୟରେ ଚୀନ୍ କିପରି ଏହି ରାଜିନାମାକୁ ଉଲ୍ଲଙ୍ଘନ କରି ଚାଲିଛି ଏବଂ ସେଥି ସହିତ ଏ ଯାବତ୍ ବିଭିନ୍ନ ସ୍ତରରେ ହୋଇଥିବା ଆଲୋଚନା ଓ ବୁଝାମଣା ସମ୍ପର୍କରେ କହିବା ସଙ୍ଗେ ସଙ୍ଗେ ବର୍ତମାନ ପୂର୍ବ ସ୍ଥିତିକୁ ଫେରିବା ପାଇଁ ସବୁଛିଡ଼ି ଚୀନ୍ ଉପରେ ନିର୍ଭର କରୁଥିବା କହି ନିଜ ବକ୍ତବ୍ୟର ଉପସଂହାର କରିଥିଲେ । ମୋଟାମୋଟି ସେ ସ୍ୱୀକାର କରିଥିଲେ ଯେ ଚୀନ୍ ଭାରତର 'ଆଧ୍ୟତ୍ମରୀଣ ଲଲାକାଗୁଡ଼ିକ'ରେ ପର୍ଯ୍ୟାପ୍ତ ସଂଖ୍ୟକ ସେନା ଓ ଅସ୍ତ୍ରଶସ୍ତ୍ର ଠୁଳ କରିଛି ଯାହା ବସ୍ତୁତଃ ପ୍ରଧାନମନ୍ତ୍ରୀଙ୍କୁ ମିଶାଇ ସରକାରର କିଛି ପ୍ରଭାବଶାଳୀ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭିନ୍ନ ସମୟରେ ପ୍ରଦତ୍ତ ବକ୍ତବ୍ୟର ବିପରୀତ ହୋଇଥିବା ସ୍ପଷ୍ଟ ହୋଇଛି । ଉଲ୍ଲେଖଯୋଗ୍ୟ ଯେ ବର୍ତମାନ ସୁଦ୍ଧା ରାଷ୍ଟ୍ରୀୟ ସୁରକ୍ଷା ଉପରେ ପ୍ରଧାନମନ୍ତ୍ରୀ ବିଭୁତ ଭାବରେ କୌଣସି ବକ୍ତବ୍ୟ ରଖି ନଥିବା ବେଳେ ସେ ବୃଷ୍ଟିଭୁ ତୁଳନା କରି ଦେଖିଲେ ପ୍ରତିରକ୍ଷା ମନ୍ତ୍ରୀଙ୍କ ବିବୃତି ଏକଦମ୍ ସ୍ୱଳ୍ପ ମନେ ହୋଇପାରେ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ଭଳି ପ୍ରତିରକ୍ଷା ମନ୍ତ୍ରୀ ମଧ୍ୟ ସବୁ କଥାକୁ ସ୍ପଷ୍ଟ ଭାବରେ କହି ନାହାନ୍ତି । ଉଦାହରଣ ସ୍ୱରୂପ, 'ଆଧ୍ୟତ୍ମରୀଣ ଲଲାକାଗୁଡ଼ିକ' କହିଲେ କେଉଁ କେଉଁ ଲଲାକାକୁ ବୁଝାଉଛି ଏବଂ ସେଠାରେ ସ୍ଥିତି କିପରି ଅଛି, ସେ ସମ୍ପର୍କରେ ହେଉ ବା ଜୁନ୍ ମାସର ସେହି ଜାଳ ରାତିର କଥାକୁ ବିଶଦ ଭାବରେ ବର୍ଣ୍ଣନା କରି ନାହାନ୍ତି, ଯେଉଁ ରାତିରେ ଭାରତ ଚୀନ୍‌ର କୋଡ଼ିଏ ଜଣ ବୀର ଯବାନ୍‌କୁ ହରାଇଛି । ଏସବୁ ସତ୍ତ୍ୱେ ଏଲ୍‌ଏସିର ବାସ୍ତବ ପରିସ୍ଥିତି ସମ୍ପର୍କରେ ମାସ ମାସ ଧରି ଜନସାଧାରଣଙ୍କ ମନରେ ରହି ଆସିଥିବା ଦ୍ୱିଧାକୁ ଅନେକାଂଶରେ ଦୂର କରିବାରେ ସମର୍ଥ ହୋଇଛି ପ୍ରତିରକ୍ଷା ମନ୍ତ୍ରୀଙ୍କ ସାମ୍ପ୍ରତିକ ବକ୍ତବ୍ୟ । ସଙ୍ଗେ ସଙ୍ଗେ ଏହା ମଧ୍ୟ ରାଜନୀତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି ଯେଉଁଠୁ ଏହା କେନ୍ଦ୍ର ସରକାରଙ୍କର ସର୍ବୋଚ୍ଚ ସ୍ତରରୁ ପ୍ରଦତ୍ତ ଏକ ଶାଣିତ, ବ୍ୟାପକ ଏବଂ ପ୍ରଭାବଶାଳୀ ବିବୃତି ଭାବରେ ଦିନିରୋଗୀ ବିଶେଷତ୍ୱ ରହିଛି । ପ୍ରଥମତଃ, ଭାରତ ସରକାର ସ୍ପଷ୍ଟ ଭାବରେ ଅନୁଭବ କରି ସାରିଛନ୍ତି ଯେ ଏଲ୍‌ଏସିରେ ଚୀନ୍ ବିପୁଳ ପରିମାଣରେ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳ କରିବା ସହିତ ଏଲ୍‌ଏସି ସମ୍ପର୍କିତ ରାଜିନାମାକୁ ଉଲ୍ଲଙ୍ଘନ କରି ହିଂସ୍ର ଆଚରଣ ଦେଖାଇ ଏକତରଫା ଭାବରେ ସ୍ଥିତାବସ୍ଥାରେ ପରିବର୍ତ୍ତନ କରିବା ପାଇଁ ଭାରତ ଭିତରକୁ ଅନୁପ୍ରବେଶ କରିବାର ଉଦ୍ୟମ କରିଛି । ଦ୍ୱିତୀୟରେ, ଭାରତ ପାଇଁ ଚୀନ୍‌ର ଏପରି କାର୍ଯ୍ୟକଳାପ ଅସ୍ତ୍ରହଣୀୟ ହୋଇଥିବା ନେଇ ଚୀନ୍‌କୁ ଅବଗତ କରିବା ସହିତ ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଭାରତ ଦ୍ୱିପାକ୍ଷିକ ଆଲୋଚନାକୁ ବଜାୟ ରଖିବ । ତୃତୀୟରେ, ଆଲୋଚନା ଜାରି ରଖିବା ସହିତ ଭାରତ ନିଜର ସାର୍ବଭୌମତ୍ୱ ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ସୀମାରେ ସୈନ୍ୟ ଓ ଯୁଦ୍ଧାସ୍ତ୍ର ମୁତୟନ କରିବାକୁ ମଧ୍ୟ ପଛକୁ ହଟିବ ନାହିଁ । କେବଳ ଏତିକି ନୁହେଁ, ପ୍ରତିରକ୍ଷା ମନ୍ତ୍ରୀ ବିବାଦର କେନ୍ଦ୍ରସ୍ଥଳ ସହିତ ଅଗଷ୍ଟ ମାସର ଶେଷ ସପ୍ତାହରେ ଉଭୟ ପକ୍ଷର ସେନାଙ୍କ ମଧ୍ୟରେ ହୋଇଥିବା ସଂଘର୍ଷ ଏବଂ ଭାରତୀୟ ସେନା ଚୀନ୍ ସୈନ୍ୟଙ୍କୁ ପଛକୁ ହଟାଇ ଦେଇ ହାସଲ କରିଥିବା ସୁଯୋଗ ସମ୍ପର୍କରେ ମଧ୍ୟ ଉଲ୍ଲେଖ କରିଥିଲେ । ପୂର୍ବବୁ ତ ଚୀନ୍‌କୁ କଡ଼ା ଜବାବ ଦେବା ପାଇଁ ଏହାର ଅନେକଗୁଡ଼ିଏ ଆପ୍‌କୁ ନିଷେଧ କରାଯାଇଛି । ପରନ୍ତୁ, ଏସବୁ ସତ୍ତ୍ୱେ ଚୀନ୍-ନିୟନ୍ତ୍ରଣାଧୀନ ଏକ ବ୍ୟାଙ୍କରୁ ଆର୍ଥିକ ସହାୟତା ଗ୍ରହଣ କରିବା ସମ୍ପର୍କରେ କେନ୍ଦ୍ରର ସ୍ୱୀକାରୋକ୍ତି ଏହାକୁ ବୃଦ୍ଧି ପାଇବାରେ ରଖିଛି, କାରଣ ଏହା ମୋଦୀ ସରକାର ଦୋହୁଁମାନ ନୀତି ଅବଲମ୍ବନ କରୁଛନ୍ତି କି ବୋଲି କିଛି ତଥ୍ୟାଭିଜ୍ଞଙ୍କ ମନରେ ପ୍ରଶ୍ନବାଚୀତିଏ ସୃଷ୍ଟି କରିଛି । ସେମାନଙ୍କ ମତରେ, ପ୍ରତିରକ୍ଷା ମନ୍ତ୍ରୀ ଗୋଟିଏ କଥା କହିଲା ବେଳକୁ ପ୍ରଧାନମନ୍ତ୍ରୀ ଆଉ ଗୋଟିଏ କଥା କହିଥିଲେ, ଯାହା ଉପରେ ପରବର୍ତ୍ତୀ ସମୟରେ ଏଥି ସହିତ ସମ୍ପୃକ୍ତ ମନ୍ତ୍ରଣାଳୟ ସ୍ପଷ୍ଟୀକରଣ ପ୍ରଦାନ କରିଥିଲା । ଏକତା ଓ ଅଖଣ୍ଡତାକୁ ପ୍ରାଧାନ୍ୟ ଦେଉଥିବା ଏକ ସରକାର ଦ୍ୱାରା ସମସ୍ତରରେ ସ୍ପଷ୍ଟ ଭାବରେ ସବୁ କଥାକୁ ସ୍ପଷ୍ଟ ଭାବରେ ପ୍ରକାଶ କରା ନଯିବା ଅତ୍ୟନ୍ତ ପରିତାପର ବିଷୟ । ଏହା ଦେଶବାସୀଙ୍କ ମନରେ ଦ୍ୱିଧାର ବୀଜ ବପନ କରିବାର ସମ୍ଭାବନା ବହନ କରୁଥିବାରୁ ଏହାକୁ ସହଜରେ ଅଣଦେଖା କରିହେବ ନାହିଁ । ଏପରି କାର୍ଯ୍ୟକଳାପ ଜନସାଧାରଣଙ୍କ ଧ୍ୟାନକୁ ଅନ୍ୟ ଆଡ଼କୁ ହଟାଇବାରେ ସମର୍ଥ ହେବ ଏବଂ ସରକାର ଏହାର ସୁବିଧା ଉଠାଇବେ ବୋଲି ସମ୍ଭବତଃ ସରକାର ଭାବୁଛନ୍ତି । ସଂସଦର ଚଳିତ ଅଧିବେଶନ କାଳରେ ସରକାରୀ ଜଳ ବିରୋଧୀମାନଙ୍କ ଦ୍ୱାରା ଉଠା ଯାଉଥିବା ପ୍ରଶ୍ନଗୁଡ଼ିକୁ ଏଡ଼ାଇ ଯିବାରେ ବଧ୍ୟ ରହୁଥିବା ଦେଖିବାକୁ ମିଳୁଛି । ଏଭଳି ପରିସ୍ଥିତିରେ ବିରୋଧୀ ବଳମାନେ ଏକାଠି ନ ହୋଇ ପାରୁଛନ୍ତି, କିନ୍ତୁ ଜନମତ ଜାଗ୍ରତ କରିବାକୁ ସେମାନଙ୍କର କର୍ତ୍ତବ୍ୟ ଭାବରେ ଗ୍ରହଣ କରି ସବୁ କଥାକୁ ସ୍ପଷ୍ଟ ଭାବରେ ପ୍ରକାଶ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବା ଆବଶ୍ୟକ । ଯୁଗେ ଯୁଗେ ସତ୍ୟର ବିଜୟ ହୋଇ ଆସିଥିବା କଥା ଆମମାନଙ୍କୁ କୁହାଯାଇ ଆସିଛି । ତେଣୁ ଏହା ସମସ୍ତେ ମନେ ରଖିବା ଉଚିତ ଯେ ହାତୀ ମାରି ବେଶୀ ଦିନ କୁଲା ଘୋଡ଼େଇ ରଖିବା ସମ୍ଭବପର ନୁହେଁ । ପରିଶେଷରେ ଏଲ୍‌ଏସିର ଅବସ୍ଥା ଅଧିକ ଅଶାୟକ ହେବା ପୂର୍ବରୁ ସରକାର ତାକୁ ସମ୍ଭାଳିବାର ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ରାଷ୍ଟ୍ରୀୟ ସ୍ତରରେ ଚୀନ୍ ବିରୁଦ୍ଧରେ ସହମତି ନିର୍ମାଣ କରିବା ପାଇଁ ଚେଷ୍ଟିତ ହେବା ଉଚିତ ।

ରକ୍ତବୋଳା ହାତ

ଛାତ୍ରୋପ୍ୟ ଉପନିଷଦରେ ଗୁରୁଦେବ ପ୍ରଜାପତି ଓ ଶିଷ୍ୟ ଇନ୍ଦ୍ରଙ୍କ ମଧ୍ୟରେ କଥୋପକଥନ ଅବସରରେ ପ୍ରଜାପତି ଇନ୍ଦ୍ରଙ୍କୁ ମନୁଷ୍ୟର ଅସଲ ଆତ୍ମସତ୍ତା ବା 'ଆତ୍ମନ୍' ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି । ସେ ଚାରିଗୋଟି ସ୍ତର ଦେଇ ଆତ୍ମସତ୍ତାର ସଂଜ୍ଞା ନିରୂପଣ କରିବା ପୂର୍ବରୁ ତାହାର ସାଧାରଣ ଚରିତ୍ରର ଯେଉଁ ବର୍ଣ୍ଣନା କରିଛନ୍ତି, ତାହା ହେଉଛି ଏହିପରି: ଆତ୍ମସତ୍ତାକୁ ପାପ ସ୍ପର୍ଶ କରି ନ ଥାଏ, ବାର୍ଦ୍ଧକ୍ୟ ସ୍ପର୍ଶ କରି ନ ଥାଏ, ମୃତ୍ୟୁ କିମ୍ବା ଦୁଃଖ ସ୍ପର୍ଶ କରି ନ ଥାଏ, କ୍ଷୁଧା ଓ ତୃଷା ସ୍ପର୍ଶ କରି ନ ଥାଏ ଏବଂ ତା'ର କୌଣସି କାମନା ନ ଥାଏ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ, କାରଣ ବୈଦିକ ବିଚାରରେ ଆତ୍ମସତ୍ତା ବା ଆତ୍ମନ୍‌ର କୌଣସି ସ୍ୱତନ୍ତ୍ର ସ୍ଥିତି ନ ଥାଏ, ତାହା ହେଉଛି 'ବ୍ରହ୍ମନ୍'ର ଅଂଶ, ଯିଏ ହେଉଛି ଏକ ଏବଂ ଏକାକୀ ଏବଂ ବିଶ୍ୱସତ୍ତା । 'ତତ୍ ତ୍ୱମ୍ ଅସି' । ଆତ୍ମନ୍ ହେଉଛି ବ୍ରହ୍ମନ୍, ବ୍ରହ୍ମନ୍ ହେଉଛି ଆତ୍ମନ୍ । ଆମେ ଯାହାକୁ ଆମର ଏକାନ୍ତ ନିଜର ସତା ବୋଲି ବିଶ୍ୱାସ କରିଥାଉ, ତାହା ହେଉଛି କେବଳ ଏକ ମାୟା ବା ଭ୍ରମ । ମନୁଷ୍ୟ ସେତିକିବେଳେ ମୋକ୍ଷ ଲାଭ କରିଥାଏ, ଯେତେବେଳେ ସେ ନିଜର ସ୍ୱତନ୍ତ୍ର ସତା ସମ୍ବନ୍ଧରେ ଥିବା ଭ୍ରାନ୍ତ ଧାରଣାରେ ଅନ୍ତ ଘଟାଇ ବ୍ରହ୍ମନ୍‌ରେ ଲୀନ ହୋଇ ଯାଇଥାଏ । ଏଇ ସମୟରେ ବ୍ୟକ୍ତି ନିଜର ଆତ୍ମସତ୍ତା ବା ଅସ୍ମିତାକୁ ସଂପୂର୍ଣ୍ଣ ରୂପେ ପରିତ୍ୟାଗ କରିଥାଏ । କିନ୍ତୁ ଏହା ମଧ୍ୟ ହେଉଛି ଏକ ଭେଳିକି, କାରଣ ମୂଳରୁ ଆତ୍ମସତ୍ତା ବୋଲି କିଛି ନ ଥିବାରୁ, ବ୍ୟକ୍ତି ପରିତ୍ୟାଗ କରିବ କ'ଣ ବା କାହାକୁ ? ସମଗ୍ର ପାରମ୍ପରିକ ଭାରତୀୟ ଦର୍ଶନରେ ଏହି ଆତ୍ମସତ୍ତାଶୂନ୍ୟତା ଚିନ୍ତାଧାରା ପ୍ରତିଫଳିତ ହୋଇଥିବା ବେଳେ କବିର ମୁନି ପ୍ରବର୍ତ୍ତିତ ସାଂଖ୍ୟ ଦର୍ଶନରେ ଏହାର ଯେଉଁ ତଦମ ପରିପ୍ରକାଶ ଘଟିଥାଏ, ଏଇ ଭଳିଟି ତା'ର ସ୍ପଷ୍ଟର ବହନ କରିଥାଏ : 'ନାସ୍ମି ନ ମେ ନାହମ୍' । ଏଇ ଭଳିଟି ବହନ କରୁଥିବା ସତ୍ୟ ହେଉଛି : 'ମୋର ଅସ୍ତିତ୍ୱ ନାହିଁ, କିଛି ବି ମୋର ନୁହେଁ, ମୁଁ କେହି ନୁହେଁ!' ସନାତନ ହିନ୍ଦୁଧର୍ମର ଏଇ ଉପନିଷଦୀୟ ବର୍ଣ୍ଣନ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇ ଗୌତମ ବୁଦ୍ଧ ଯେଉଁ ଅନୁରୂପ ଧାରଣାର ସୃଷ୍ଟି ଓ ପ୍ରସାର ଘଟାଇଥିଲେ, ତାହା ମୂଳ ପାଲି ଭାଷାରେ 'ଅନତ୍ମ' ରୂପେ ସୁପରିଚିତ, ସଂସ୍କୃତରେ ଯାହା ହେଉଛି 'ଅନାତ୍ମନ୍' । ବୁଦ୍ଧ ତାଙ୍କର ଏକ ପ୍ରସିଦ୍ଧ ପ୍ରବଚନରେ ବର୍ଣ୍ଣନା କରିଥିବା ଏଇ ଅନାତ୍ମନ୍ ଧାରଣା ଅନୁସାରେ 'ରୂପ', 'ବେଦନା', 'ସଂଜ୍ଞା', 'ସଂସ୍କାର' ଓ 'ବିଜ୍ଞାନ' ଭଳି ପାଞ୍ଚଗୋଟି 'ସ୍କନ୍ଧ'ମାନଙ୍କର ସମାହାର ହୋଇଥିବା ଜଣେ ମନୁଷ୍ୟର ଏଇ ସ୍କନ୍ଧମାନଙ୍କୁ ଅତିକ୍ରମ କରି 'ଆତ୍ମସତ୍ତା' ବୋଲି କିଛି ନ ଥାଏ । ଏଇ ଧାରଣାକୁ ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯାଇଛି ପ୍ରସିଦ୍ଧ ବୌଦ୍ଧଗ୍ରନ୍ଥ 'ମିଳିନ୍‌ଦପହ୍ନ' ('ମିଳିନ୍‌ଦପ୍ରଶ୍ନ') ରେ, ଯେଉଁଥିରେ ଭିକ୍ଷୁ ନାଗସେନ ଯବନ ରାଜା ମିଳିନ୍‌ଦ (ଗ୍ରୀକ୍ ନାମ- ମିନାଣ୍ଡ)'କୁ ଏକ ରଥର ଉଦାହରଣ ସାହାଯ୍ୟରେ 'ଅନତ୍ମ'ର ମର୍ମ ବୁଝାଇଛନ୍ତି । ନାଗସେନ କହିଛନ୍ତି ଯେଉଁଭଳି ବିଭିନ୍ନ ଅଂଶ (ଚକ୍ର, ଅକ୍ଷ, ବାହୁ, ଶିଖର...) ମାନଙ୍କର ସମଷ୍ଟିରେ ନିର୍ମିତ ରଥର ଏଇ ଅଂଶମାନଙ୍କର ସମଷ୍ଟି ବ୍ୟତୀତ ଅନ୍ୟ କୌଣସି ସତା ନ ଥାଏ, ଜଣେ ମନୁଷ୍ୟର ଉପରୋକ୍ତ ସ୍କନ୍ଧମାନଙ୍କର ସମଷ୍ଟି ବ୍ୟତୀତ ଅନ୍ୟ କୌଣସି ଆତ୍ମସତ୍ତା ନ ଥାଏ । ଉପରେ ପ୍ରଦତ୍ତ ବର୍ଣ୍ଣନାମାନଙ୍କରୁ ଯାହା ସ୍ପଷ୍ଟ ହୋଇଥାଏ, ତାହା ହେଲା, ଭାରତୀୟ ଦର୍ଶନରେ ବ୍ୟକ୍ତିର କେ ?ଶସି ଆତ୍ମସତ୍ତାର ଉପସ୍ଥିତିକୁ ସ୍ୱୀକାର କରାଯାଇ ନାହିଁ । ତେଣୁ ଏଥିରୁ ସ୍ୱାଭାବିକ ଭାବରେ ଯେଉଁ ଏକ ସିଦ୍ଧାନ୍ତ ଆହରଣ କରାଯାଇ ପାରିବ, ତାହା ହେଲା, ଭାରତୀୟ ଦର୍ଶନରେ ଆତ୍ମସତ୍ତାର ସ୍ଥାନ ନାହିଁ, କାରଣ, ଯାହାର ସତ୍ତା ନ ଥାଏ, ତାହାର ସ୍ୱାର୍ଥ ଆସିବ କେଉଁଠାରୁ ? ସାଧାରଣତଃ ଏକ ଭ୍ରମାତ୍ମକ ଧାରଣା ବଳବତ୍ତର ଥିବା ଦେଖାଯାଇଥାଏ ନ ?ଯେ ଏଭଳି ପାରମ୍ପରିକ ବିଚାରମାନ କେବଳ ଶାସ୍ତ୍ରପୁରାଣ ମଧ୍ୟରେ ଆବଦ୍ଧ ହୋଇ ରହିଥାଏ, ଯାହାର ଦୈନନ୍ଦିନ ଜୀବନଯାପନ ସହିତ କେ ?ଶସି ସଂପର୍କ ନ ଥାଏ । କିନ୍ତୁ ବାସ୍ତବରେ ଉଭୟଙ୍କ ମଧ୍ୟରେ ସଂପର୍କ ହେଉଛି ଘନିଷ୍ଠ । ଏକ ସଂସ୍କୃତି ତା'ର ଦାର୍ଶନିକମାନଙ୍କର ଚିନ୍ତାଧାରା ଦ୍ୱାରା ପ୍ରଭାବିତ ଓ ପରିପୁଷ୍ଟ ହୋଇ ବୃହତ ପରିଗ୍ରହଣ କରିଥାଏ । ଜନଦିନ-ଶ-ଦିଂଶ ଶତାବ୍ଦୀର ପ୍ରସିଦ୍ଧ ଅଷ୍ଟ୍ରୀୟ-ଜର୍ମାନ୍ ଗଣିତଜ୍ଞ-ଦାର୍ଶନିକ ଏଡମଣ୍ଡ ହୁସର୍ଲ ପ୍ରଥମେ ଏଥିପ୍ରତି ବୃଦ୍ଧି ଆକର୍ଷଣ କରିବା ପରେ ମରିଜ୍ ମର୍ଲୁପଟି ଓ ସିମନ୍ ଡି ବିଭ୍ୱା ଆଦିଙ୍କ ଭଳି ଖ୍ୟାତନାମା ଫରାସୀ ଦାର୍ଶନିକମାନେ ବିସ୍ମୃତ ଆଲୋଚନା କରିଥିବା ଏହି ପ୍ରକ୍ରିୟାକୁ ଅଧଃକ୍ଷେପଣ (ସେଡିମେଣ୍ଟେସନ୍) ରୂପେ ନାମିତ କରାଯାଇଥାଏ । ଏହା ଅନୁସାରେ ସଂସ୍କୃତିର ଭିତ୍ତି ହେଉଛି ଏକ ପ୍ରବହମାନ ସ୍ରୋତର ଶଯ୍ୟା ଭଳି । ଏକ ନଦୀର ସ୍ରୋତରେ ଭାସମାନ ପଦାର୍ଥମାନଙ୍କର ଅଧଃକ୍ଷେପଣ ଘଟି ଚାଲି ତା'ର ଶଯ୍ୟା ନିର୍ମିତ ଓ ବୃଦ୍ଧାଭୂତ ହୋଇଥିବା ଭଳି ଏକ ପ୍ରବହମାନ ସଂସ୍କୃତିରେ ତା'ର ଦାର୍ଶନିକମାନଙ୍କର ଚିନ୍ତାଧାରା ସବୁର ଅଧଃକ୍ଷେପଣ ଘଟି ତା'ର ମୂଳଭିତି ସବୁଣ୍ଡ ଶଯ୍ୟା ନିର୍ମିତ ହୋଇଥାଏ । ଏଇ ମୂଳଭିତି ଉପରେ ହିଁ ସେଇ ସଂସ୍କୃତିରେ ଅନୁସୃତ ମୂଲ୍ୟବୋଧ, ବିଶ୍ୱାସ ଆଦି ପ୍ରତିଷ୍ଠିତ ହୋଇଥାଏ । ପାରମ୍ପରିକ ଭାରତୀୟ ଦର୍ଶନରେ ଯେଉଁଠୁ ଆତ୍ମସ୍ୱାର୍ଥକୁ ତୁଚ୍ଛ କରାଯାଇଥାଏ, ପାରମ୍ପରିକ ଭାରତୀୟ ମୂଲ୍ୟବୋଧରେ ମଧ୍ୟ ତେଣୁ ତାହା ପ୍ରତିଫଳିତ ହୋଇ ଆସିଥିଲା । ସେଇ କାରଣରୁ ସର୍ବବା କୁହାଯାଇଥିବା ଭଳି ପ୍ରାଚୀନ କାଳରୁ ଭାରତ ଅତୁଳନୀୟ ଆଧ୍ୟାତ୍ମିକ ପ୍ରଗତି ହାସଲ କରିଥିବା ବେଳେ ବସୁଧାବାଦ ପ୍ରତି ପ୍ରତି ସର୍ବଦା ଉଦାସୀନ ରହି ଆସିଥିଲା । କାରଣ ବସୁଧାବାଦୀ ପ୍ରଗତି ବା ବିଜାଶ୍ରୁତୀ ପ୍ରଗତି ହେଉଛି ଆତ୍ମସ୍ୱାର୍ଥଭିତିକ ପ୍ରଗତି । ଆତ୍ମସତ୍ତାକୁ ସ୍ୱୀକାର କରୁ ନ ଥିବା ଏକ ସଂସ୍କୃତି ଆତ୍ମସ୍ୱାର୍ଥକୁ ଅନୁଧାବନ କରନ୍ତା କିପରି ? ଏହା ତେଣୁ ଏକ ଆମୋଦ ମିଶା ଆଶ୍ଚର୍ଯ୍ୟ ସୃଷ୍ଟି କରିଥାଏ ସେଇ ଭାରତର ସନ୍ତାନମାନେ ଏବେ ଗର୍ବ କରୁଛନ୍ତି ଯେ ସେମାନଙ୍କର ଦେଶ ବର୍ଜମାନ ସେଇ ବିଜାଶ୍ରୁତ୍ରୀ ପ୍ରଗତି ହାସଲ ଦୌଡ଼ରେ ଦୁତବମ ଧାବକ ସାଜି ପୃଥିବୀର ଚତୁର୍ଥମ ଅର୍ଥନୀତିରେ ପରିଣତ ହୋଇ ସାରିଲାଣି ଓ ଅନତି ବିଳମ୍ବରେ ଏକ ବିଳଶିତ ଦେଶରେ ପରିଣତ ହେବାକୁ ଲକ୍ଷ୍ୟ ରଖିଛି । ଉଲ୍ଲେଖ ଅନାବଶ୍ୟକ, ଏଇ ବିଜାଶ ଅବଶ୍ୟ ଆତ୍ମାତ୍ମିକ ବିଜାଶ ନୁହେଁ, ଏହା ହେଉଛି ପାର୍ଥିବ ସଂପଦ ଆହାରରେ ବିଜାଶ, ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତିର ସଂପଦରେ ବୃଦ୍ଧି ଘଟିବା ସହିତ ସମଗ୍ର ଦେଶର ସଂପଦରେ ମଧ୍ୟ ବୃଦ୍ଧି ସାଧିତ ହେବ । ଆଉ ଏଇ ବିଜାଶ ହାସଲ କରିବା ପାଇଁ ଯେଉଁ ପନ୍ଥା ଅବଲମ୍ବନ କରାଯାଉଛି, ତାହା ହେଉଛି ଭାରତୀୟ ଦର୍ଶନ ପ୍ରଦର୍ଶିତ ଉପରୋକ୍ତ ଆତ୍ମସ୍ୱାର୍ଥ-ନାଳଚବକାରୀ ମାର୍ଗର ସଂପୂର୍ଣ୍ଣ ବିପରୀତ : ସର୍ବାଧିକ ସମ୍ବଳ ଆତ୍ମସ୍ୱାର୍ଥ ଅନୁଧାବନ ଦ୍ୱାରା ଉଭୟ ବ୍ୟକ୍ତି ଓ ରାଷ୍ଟ୍ରର ସର୍ବାଧିକ ସମୃଦ୍ଧି ସାଧନ । ସାଧାରଣତଃ ଆତ୍ମସ୍ୱାର୍ଥ ଓ ସମୃଦ୍ଧସ୍ୱାର୍ଥକୁ ପରସ୍ପରର ପରିପନ୍ଥୀ ବୋଲି ବିଚାର କରାଯାଉ ଥିବାରୁ ଏହା ଏକ ଭଲତ ବା ଅସଂଗତ ପନ୍ଥା ଭଳି ମନେ ହୋଇପାରେ । କିନ୍ତୁ ସତ କଥା ହେଲା ଆଜି କେବଳ ଭାରତ ନୁହେଁ, ପୃଥିବୀର ଯେଉଁ ବି ଦେଶରେ ଅର୍ଥନୈତିକ ଅଭିବୃଦ୍ଧି ହାସଲ ହୋଇପାରିଛି, ତାହା ଏଇ ଆତ୍ମସ୍ୱାର୍ଥ-ଅନୁଧାବନ ମାର୍ଗ ଅନୁସରଣ ଦ୍ୱାରା ହିଁ ସମ୍ଭବ ହୋଇଛି । ଆଜିକୁ ଠିକ୍ ଅତ୍ରେଇ ଶହ ବର୍ଷ ତଳେ ଯେଉଁ ଜଣେ ଦାର୍ଶନିକ ସର୍ବପ୍ରଥମେ ଏଇ ଅସମ୍ଭବ ମନେ ହେଉଥିବା ଯାଦୁକରୀ ମାର୍ଗର ପରିକଳ୍ପନା କରିଥିଲେ, ସେ ସ୍ୱାଭାବିକ ଭାବରେ କୌଣସି ଭାରତୀୟ ଦାର୍ଶନିକ ନ ଥିଲେ, ସେ ହେଲେ ଷ୍ଟଟିସ୍ ଦାର୍ଶନିକ ଆଡାମ୍ ସ୍ମିଥ୍ । ୧୭୭୬ରେ ପ୍ରକାଶିତ ଅର୍ଥଶାସ୍ତ୍ରର ସର୍ବପ୍ରଥମ ବିଧିବଦ୍ଧ ପୁସ୍ତକ ରୂପେ ବିବେଚିତ ତାଙ୍କର ପୁସ୍ତକ 'ଆନ୍ ଇନ୍‌କ୍ୱାରି ଇନ୍‌ଟୁ ଦି ନେଚର୍ ଆଣ୍ଡ କଜେସ୍ ଅଫ୍ ଦି ୱେଲ୍‌ଥ ଅଫ୍ ନେସନ୍‌ସ୍' ('ରାଷ୍ଟ୍ରମାନଙ୍କର ସଂପଦର ଚରିତ୍ର ଓ କାରଣମାନ ସମ୍ବନ୍ଧରେ ଏକ ଅନୁସନ୍ଧାନ') ବା ଏକଷେପରେ 'ଦି ୱେଲ୍‌ଥ ଅଫ୍ ନେସନ୍‌ସ୍'ରେ ସ୍ମିଥ୍ ସର୍ବପ୍ରଥମେ ବର୍ଣ୍ଣାଇଥିଲେ ଯେ ଏକ ଅବାଧ ବଜାର ଅର୍ଥନୀତିର ପରିକଳ୍ପନା କରାଯାଇ ପାରିବ, ଯେଉଁଥିରେ ଯେତେବେଳେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ଆତ୍ମସ୍ୱାର୍ଥ ଅନୁଧାବନ କରିଥାଏ, ସେତେବେଳେ ସମଗ୍ର ସମାଜର ସମୂହ ସ୍ୱାର୍ଥ ମଧ୍ୟ ସାଧିତ ହୋଇଥାଏ । ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିମାନଙ୍କର ଆଚରଣକୁ ସାମାଜିକ ହିତ ସାଧନ ଉଦ୍ଦେଶ୍ୟରେ ନିୟନ୍ତ୍ରଣ କରିବା ନିମନ୍ତେ କୌଣସି କେ

ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଝାରସୁଗୁଡା ଡିଏଫଓଙ୍କ ଆଲୋଚନା

ଝାରସୁଗୁଡ଼ା,୨୯/୧(ନି/ପ୍ର): ଝାରସୁଗୁଡ଼ା କେନ୍ଦୁପତ୍ର ଡିଭିଜନ କାର୍ଯ୍ୟାଳୟରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଡିଏଫଓ କେନ୍ଦୁପତ୍ର ସଲକିନ୍ଦର ସିଂହ ସହ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏହି ଆଲୋଚନାରେ ସଂଘର ରାଜ୍ୟ ଉପସଭାପତି ଗୋକୁଳ ମେହେର, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ସଞ୍ଜିତ ମହାନ୍ତି, ରାଜ୍ୟ ସମ୍ପାଦକ ମହେଶ୍ୱର ମୁର୍ମୁଡ଼ା, ଡିଭିଜନ ସମ୍ପାଦକ ପ୍ରଦୀପ ସାହୁ ଏବଂ ମିଡିଆ ସଂଯୋଜକ ବେବେ ଜ୍ୟୋତି ପଟ୍ଟନାୟକ, ସୁଗୁ ସମ୍ପାଦକ ଅଶୋକ ମାଝୀଙ୍କ ଉପସ୍ଥିତିରେ ବିଭିନ୍ନ କର୍ମଚାରୀ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବିଗତ ବର୍ଷ ଗୁରୁତ୍ୱପୂର୍ଣ୍ଣ କର୍ମଚାରୀଙ୍କୁ କର୍ମ ଦିବସ ବରମା ପ୍ରଦାନ କୁ ନେଇ ଅସନ୍ତୋଷ ଥିବାବେଳେ, ବିଭିନ୍ନ ରେଞ୍ଜ ରେ ପଡ଼ି ଉଛେଦ, କର୍ମଚାରୀ ଛଟେଇ ଆଦି ଘଟଣା କୁ ନେଇ ଅସନ୍ତୋଷ ଦେଖାଦେଇଥିଲା । ବିଭିନ୍ନ ସମସ୍ୟା ମଧ୍ୟରେ ସିଜନାଲ କର୍ମଚାରୀମାନଙ୍କ ବର୍ଦ୍ଧିତ ହୋଇଥିବା କାର୍ଯ୍ୟଦିବସ ଲାଗୁ କରିବା, ବାକୟା ଥିବା ପାଉଣା ତୁରନ୍ତ ପ୍ରଦାନ ଏବଂ ଆଗାମୀ ୨୦୨୬ ମସିହା ସିଜନ ପ୍ରାରମ୍ଭରୁ କେନ୍ଦୁପତ୍ର ର ମାନବୃଦ୍ଧି କରିବା ସକାଶେ ଡିଭିଜନ ରେ ଆଗତୋରା ଡି.ଏଫ.ଓ ଙ୍କ ସହ ଏକ ମିଳିତ ବୈଠକ ବାବଦ ରେ ସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିଲା । ତରୁଣସେନ ସାହୁ, ଅଲେଖ ସାହୁ,ମନବୋଧ ପଣ୍ଡା, ସରୋଜ ଭଣ୍ଡ, ରମେଶ ପଟେଲ, ଚିଲକରାମ ମାଝୀ ପ୍ରମୁଖ ସହ ଅନ୍ୟାନ୍ୟ ସିଜନାଲ କର୍ମଚାରୀ ଉପସ୍ଥିତ ଥିଲେ ।

ସମ୍ବଲପୁର ପୁସ୍ତକମେଳାର ପଞ୍ଚମ ସଂଖ୍ୟା.....

ଶିଶିର ନାୟକଙ୍କୁ ଲାଲମୋହନ ନାୟକ 'ସ୍ମାରକୀ ସମ୍ମାନ'

ଭଦ୍ରକ, ୨୯/୧(ନି/ପ୍ର):ସାଧାରଣ ଗୃହିଣୀରୁ ମମତାମୟୀ ଜନନୀ ଏବଂ ଜଣେ ସଂଗ୍ଠାରିକା ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସ୍ୱର୍ଗତା ମନୋରମା ଦେବୀଙ୍କ ସ୍ମୃତିରେ ଆୟୋଜିତ 'ମନୋରମା ସ୍ମୃତି ସଂସଦ'ର ୧୨ତମ ବାର୍ଷିକ ଉତ୍ସବ ଭଦ୍ରକ ଭାରତବ କଳ୍ୟାଣ ମଞ୍ଚପଠାରେ ବର୍ଣ୍ଣାଢ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାଟିର ଯଶସ୍ୱୀ କବି ଶିଶିର ନାୟକଙ୍କୁ ଚଳିତବର୍ଷର ମର୍ଯ୍ୟାଦାବାଳକ 'ଶିକ୍ଷାବିତ୍ ଲାଲମୋହନ ନାୟକ ସ୍ମାରକୀ ସମ୍ମାନ'ରେ ସମ୍ମାନିତ କରାଯାଇଛି । ସଂସଦର ଆବାହକ ତଥା ବ୍ୟାଗଭୂମିର ସଭାପତି ଅଭୟ ନାୟକ ଆବାହକତ୍ୱରେ ବିଶିଷ୍ଟ କଥାଶିଳ୍ପୀ ତଥା ସ୍ମୃତିସଂସଦ ସଭାପତି ଡକ୍ଟର ରାଧାବିନୋଦ ନାୟକଙ୍କ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ଡକ୍ଟର ବିଶ୍ୱରଞ୍ଜନ ଦାସ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ଉକ୍ତ ମଂଚରେ ନିମନ୍ତ୍ରିତ ଅତିଥିମାନଙ୍କ ସମେତ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଓ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହି ସମ୍ମାନିତ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନାର ଉତରରେ କବି ଶ୍ରୀ ନାୟକ ଏହି ସମ୍ମାନ ତାଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବର ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାଧ୍ୟାପକ ବାମୋଦର ବେହେରା 'ଓଡ଼ିଆ ସାହିତ୍ୟରେ ବୋଉ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି କହିଥିଲେ ଯେ, 'ମାଆ ବେବେକ ଏକ ଶବ୍ଦ ନୁହେଁ, ସେ ହେଉଛନ୍ତି ସକଳ ସୃଷ୍ଟିର ଆଦ୍ୟ ସ୍ପନ୍ଦନ । ଓଡ଼ିଆ ସାହିତ୍ୟରେ ମାତୃତ୍ୱର ଯେଉଁ ଚିତ୍ର ରହିଛି, ତାହା ବିଶ୍ୱ ସାହିତ୍ୟରେ ବିରଳ । ମାଆ ମନୋରମାଙ୍କ ତ୍ୟାଗପୂର୍ଣ୍ଣ ଜୀବନ ଆଜିର ସମାଜ ପାଇଁ ଏକ ଶ୍ରେଷ୍ଠ ଦର୍ଶନ ବୋଲି ସେ ଅଭିହିତ କରିଥିଲେ । ବରେଣ୍ୟ ଅତିଥି ଭାବେ ଓଡ଼ିଶାର ଖ୍ୟାତନାମା ଆଧ୍ୟାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ବକ୍ତବ୍ୟରେ ମାଆଙ୍କ ସଂସ୍କାର ଓ ସଂସ୍କୃତିକ ଚେତନା ଉପରେ ଗୁରୁତ୍ୱାରୋପ କରି ସ୍ୱର୍ଗତା ମନୋରମା ଦେବୀଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ 'ମନମୋହନ ସଙ୍ଗୀତ ପରିଷଦ'ର ଶିଳ୍ପୀମାନେ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିବା ବେଳେ କଣ୍ଠଶିଳ୍ପୀ ରାମନାରାୟଣ ମହାନ୍ତି ଏକ ଭାବପୂର୍ଣ୍ଣ ମାତୃସଙ୍ଗୀତ ଗାନକରି ଶ୍ରୋତାଙ୍କୁ ଅଭିଭୂତ କରିଥିଲେ । ମନୋରମାଙ୍କ କନ୍ୟା ସୁଲେଖିକା ସ୍ନେହଲତା ନାୟକ ମାନପତ୍ର ପାଠ କରିବା ସହିତ ମା'ଙ୍କ ସ୍ମୃତିରେ ଭାବପୂର୍ଣ୍ଣ ସଂଗୀତ ପରିବେଷଣ କରିଥିଲେ । ଅଧ୍ୟକ୍ଷା ସବାଧାରଣ କକ ଅତିଥିମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ସ୍ମୃତିସଂସଦ ସମ୍ପାଦକ ଡକ୍ଟର ଅଭୟ କୁମାର ଦାସ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ । ସମାରୋହରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା, ବାଣୀକଲ୍ୟାଣ ମହାନ୍ତି, ସମ୍ବଳାର ଅଭୟ ଦ୍ୱିବେଦୀ, କବି ହୃଦାନନ୍ଦ ପାଣିଗ୍ରାହୀ, ନାଟ୍ୟକାର ସୁଧାଂଶୁ ନାୟକ, ଦାଶର ରଦୀନ୍ଦ୍ର କୁମାର ନାୟକ, ଙ୍କ. ଅଖିଳ କୁମାର ପାଢ଼ୀ, ଙ୍କ. ଅମିକାବଲ୍ଲଭ ଖାଁଙ୍କ, ଅମିକା ବଲ୍ଲଭ ଖାଁ, ଶିକ୍ଷାବିତ ଶାନ୍ତନୁ ରାଉତ, ସୁଧାକର ରାଉତ, ଭଗବାନ ନାୟକ, ରୂପକ ରାୟ, କୈଳାସ ବେହେରା, ନିରଞ୍ଜନ ବାଲିକ୍, ଝରଣା ପଟ୍ଟନାୟକ, ଡ. ରାଧାରାଣୀ ମହାପାତ୍ର, ଗଣ୍ଡିତା ଖାଁଙ୍କ, ଜୀବନୀ ପାଢ଼ୀ, ମନୋରମା ରାୟ, କଳ୍ପନା କେନା ଏବଂ କାନ୍ତିରଞ୍ଜିତା ନାୟକ ପ୍ରମୁଖ ଅଂଶଗ୍ରହଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅଶୋକ ଦ୍ୱିବେଦୀ, ଶିବପ୍ରସାଦ ସତ୍ୟାନନ୍ଦ, ଗୌରାଙ୍ଗ ବାଲିକ ଓ ଦେବେନ୍ଦ୍ରନାଥ ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ମନୋରମାଙ୍କ କନିଷ୍ଠ କନ୍ୟା ତଥା ପୂର୍ବତନ ଚିଟିଡ଼ି କୁଲ୍ ଚେୟାରମ୍ୟାନ ଗୁଣ୍ଡୀ ବିଦ୍ୟୁତଲତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ଝାରସୁଗୁଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ

ଶିଶୁ କନ୍ୟାମାନଙ୍କୁ ସମାନ ସୁଯୋଗ ପ୍ରଦାନ କଲେ ହିଁ ଦେଶର ପ୍ରକୃତ ପ୍ରଗତି ସମ୍ଭବ

ଝାରସୁଗୁଡ଼ା, ୨୯/୧(ନି/ପ୍ର): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆଜୁଲାଏରେ ସ୍ଥାନୀୟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ବୃଦ୍ଧୀସ ମହଲା ସଭାଗୃହଠାରେ 'ଜାତୀୟ ଶିଶୁ କନ୍ୟା ଦିବସ-୨୦୨୬' ପାଳିତ ହୋଇଯାଇଛି । ଚଳିତ ବର୍ଷ ଏହି ଦିବସଟିକୁ 'ପ୍ରତ୍ୟେକ କନ୍ୟା ଶିଶୁର ସଶକ୍ତିକରଣ, ଏକ ସୁସ୍ଥ ଭାରତ ଗଠନ' ଆଭିମୁଖ୍ୟକୁ ନେଇ ଆୟୋଜନ କରାଯାଇଥିଲା । ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ ହେଉଛି କନ୍ୟା ସନ୍ତାନମାନଙ୍କର ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟ ଏବଂ ସାମାଜିକ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା । ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ପାଇଁ କନ୍ୟା ସନ୍ତାନର କଲ୍ୟାଣ ନିମନ୍ତେ ସାମୂହିକ ସହଯୋଗର ଅପରିହାର୍ଯ୍ୟତା ଉପରେ ଏହି ଅବସରରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେଶ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ କନ୍ୟା ସନ୍ତାନମାନଙ୍କର ସାମ୍ବିଧାନିକ ଅଧିକାର ଏବଂ ସରକାରୀ ସୁବିଧା ସୁଯୋଗ ସୁନିଶ୍ଚିତ କରିବା ପାଇଁ ଆହ୍ୱାନ ଦେଇଥିଲେ । ବିଶେଷ କରି କନ୍ୟା ଭ୍ରୁଣ ହତ୍ୟା ରୋକିବା ଏବଂ ପିସି-ଏଣ୍ଡ-ପିଏନଡିଟି ଆଇନର କଡ଼ାକଡ଼ି ଅନୁପାଳନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିଶୁ କନ୍ୟାମାନଙ୍କୁ ସମାନ ସୁଯୋଗ ପ୍ରଦାନ କଲେ ହିଁ ଦେଶର ପ୍ରକୃତ ପ୍ରଗତି ସମ୍ଭବ ବୋଲି ବକ୍ତାମାନେ ନିଜର ଅଭିଭାଷଣରେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏଡିପିଏଚଓ (ଏମ୍‌ଡବ୍ଲୁ) ଡକ୍ଟର ଦୁର୍ଗା କୁମାର ଦତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ପ୍ରତିନିଧି, ଏବଂ ପିସି-ଏଣ୍ଡ-ପିଏନଡିଟି ଜିଲ୍ଲା ପରାମର୍ଶଦାତା କମିଟିର ସଦସ୍ୟମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏଥିସହିତ ବିଭିନ୍ନ ବ୍ଲକରୁ ଆସିଥିବା ସ୍ୱାସ୍ଥ୍ୟ ଅଧିକାରୀ, ଏଡିପିଏଚଏସଓ, ଡିପିଏମୟୁ ଓ ଏନ୍‌ଏଚ୍‌ଏମ୍ ର କର୍ମଚାରୀଙ୍କ ସମେତ ବହୁ ସଂଖ୍ୟାରେ ସ୍ୱାସ୍ଥ୍ୟ କର୍ମୀ ଉପସ୍ଥିତ ରହିଥିଲେ । ଶେଷରେ ସମାଜରୁ ଲିଙ୍ଗଗତ ବୈଷମ୍ୟ ଦୂର କରି କନ୍ୟାମାନଙ୍କୁ ଏକ ସୁରକ୍ଷିତ ପରିବେଶ ଯୋଗାଇ ଦେବାକୁ ସମସ୍ତେ ସମୂହ ଶପଥ ଗ୍ରହଣ କରିଥିଲେ ।

ସଇଁତଲା ବନ ବିଭାଗର ଚଢ଼ାଉ :

ଖଇର କାଠ ବୋଝେଇ ଟ୍ରକ୍ ଜବତ, ଡ୍ରାଇଭର୍ ଫେରାର

ଦେଓଗାଁ,୨୯/୧(ନି/ପ୍ର): ବରଗଡ଼-ବୋରିସୁମା ଜାତୀୟ ରାଜପଥ ୨୬ ବଲାଙ୍ଗୀର-ଟିଟଲାଗଡ଼ ରାସ୍ତାରେ ସଇଁତଲା ବନ ବିଭାଗ ଚଢ଼ାଉ କରି ଏକ ଖଇର କାଠ ବୋଝେଇ ଗାଡ଼ିକୁ ଧରିଛି । ପଣ୍ଟିମବଙ୍ଗ ନମ୍ବର ଥିବା ଗାଡ଼ିକୁ ପୁଲିସ୍ କବଜା କରିଥିବା ବେଳେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇ ଯାଇଛି । ଟ୍ରକର କାଠକୁ ନେଇ ବନ ବିଭାଗ ତଦନ୍ତ ଜାରି ରଖିଛି । ମିଳିଥିବା ସୂଚନା ମତେ ଆଜି ଆଜି ସକାଳେ ବଲାଙ୍ଗୀର ବନ ବିଭାଗ ବଲାଙ୍ଗୀର-ଟିଟଲାଗଡ଼ ରାସ୍ତାର କଛକେଲ ଗାଁ ରେଳ ଫାଟକ ନିକଟରେ ଚଢ଼ାଉ କରି ଏକ ଖଇର କାଠ ବୋଝେଇ ବଡ଼ ଟ୍ରକକୁ କବଜା କରିଛି ବନ ବିଭାଗ । ସଇଁତଲା ରେଞ୍ଜର କଛକେଲ୍ ଗାଁ ଟିଟ ହାଉସ୍ ରେ ଏହି ଗାଡ଼ିକୁ ଅଟକ ରଖି ବନ ବିଭାଗ ତଦନ୍ତ କରୁଥିବା ଜଣାଯାଇଛି । ଏନେଇ ଅଧିକ ତଦନ୍ତ କରିବା ପରେ ତଥ୍ୟ ଦିଆଯିବ ବୋଲି ସଇଁତଲା ରେଞ୍ଜର ସୂଚନା ଦେଇଛନ୍ତି ।

'ଓଡ଼ିଶା ବନ୍ଦ'ର ପ୍ରଭାବ ସମ୍ବଲପୁରରେ ଶୂନ୍ୟ

ସମ୍ବଲପୁର, ୨୯/୧(ନି/ପ୍ର): ରାଜ୍ୟର ବିଭିନ୍ନ ମଣ୍ଡିରେ ଧାନ କିଣାରେ ଅବ୍ୟବସ୍ଥା, ବିଦ୍ୟୁତ୍ ଦେୟ ଆଦାୟ ଆଳରେ ଉପଭୋକ୍ତାଙ୍କୁ ଟାଟା ପାଠାଇବାର ଦୁର୍ବ୍ୟବହାର ଏବଂ ପ୍ରଦୂଷଣ ପ୍ରମାଣପତ୍ର ଆଳରେ ବିଭିନ୍ନ ଯାନବାହାନ ମାଲିକ ମାନଙ୍କ ଠାରୁ ସରକାରଙ୍କ ଅର୍ଥ ଶୋଷଣ ନୀତିକୁ ବିରୋଧ କରି 'ନବନିର୍ମାଣ କୃଷକ ସଂଗଠନ' ୮ ଘଟିଆ 'ଓଡ଼ିଶା ବନ୍ଦ' ର ଡାକରା ଦେଇଛି । ବୁଧବାର ବାର ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ନବନିର୍ମାଣ କୃଷକ ସଂଗଠନର ଏହି ୮ ଘଟିଆ ବନ୍ଦ ଆହ୍ୱାନକୁ କଂଗ୍ରେସ , ବିଜେଡି, ବାମଦଳ ସହ ଜେତେକ ସାମାଜିକ ସଂଗଠନ ସମର୍ଥନ କରୁଥିବା କୁହା ଯାଉଥିଲେ ମଧ୍ୟ ସମ୍ବଲପୁର ସହରରେ ଏହି ଆହ୍ୱାନର କୌଣସି ପ୍ରଭାବ ପଡିନଥିବା ଦେଖିବାକୁ ମିଳିଛି । ସବୁଦିନ ପରି ଆଜି ସହରର ସମସ୍ତ ବ୍ୟସ୍ତବହୁଳ ରାସ୍ତାରେ ଯାନବାହନ ଚଳାଚଳ କରୁଥିବା ଦେଖିବାକୁ ମିଳିଛି । ଲକ୍ଷ୍ମୀ ଚକିଳ ଛକ ଠାରେ ଧନୁପାଲି, ଅଢଁଠାପାଲି, ମୋଦିପଡା ଓ ଗୋଲବଜାର ଅଭିମୁଖେ ଯାନବାହାନ ଚଳାଚଳ ସବୁଦିନ ପରି ଥିବା ବେଳେ, ଅଢଁଠାପାଲି ଛକ ଠାରେ ମଧ୍ୟ ଝାରସୁଗୁଡ଼ା, ବୁର୍ଲା ଓ ସିନ୍ଦୁରପଙ୍କ ଅଭିମୁଖେ ଯାନବାହାନ ଚଳାଚଳ କରୁଥିବା ଦେଖିବାକୁ ମିଳିଛି । ସେହିପରି ସହରର ବିଭିନ୍ନ ପେଟ୍ରୋଲ ପମ୍ପ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟିକ ସଂସ୍ଥା ଖୋଲା ରହିଥିବା ଦେଖାଯାଇଛି । ସ୍ୱାଭାବିକ ରହିଛି । ନବନିର୍ମାଣ କୃଷକ ସଂଗଠନ' ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ୮ ଘଟିଆ 'ଓଡ଼ିଶା ବନ୍ଦ' ଆହ୍ୱାନକୁ ସମସ୍ତ ବିରୋଧୀ ରାଜନୈତିକ ଦଳ ସମର୍ଥନ କରୁଥିବା ବେଳେ ବନ୍ଦ କୌଣସି ପ୍ରଭାବ ନ ପଡ଼ିବା ସମ୍ପର୍କରେ ବିଜିନ୍ନ ପେଟ୍ରୋଲ ପମ୍ପ ଠାରୁ ଆରମ୍ଭ କରି ବିଭିନ୍ନ ବ୍ୟବସାୟିକ ସଂସ୍ଥା ଖୋଲା ରହିଥିବା ଦେଖାଯାଇଛି । ସ୍ୱାଭାବିକ ରହିଛି । ନବନିର୍ମାଣ କୃଷକ ସଂଗଠନ' ରାଜ୍ୟ ସରକାରଙ୍କ ଅପାରଗତାକୁ ନେଇ ୮ ଘ୍ଟିଆ 'ଓଡ଼ିଶା ବନ୍ଦ' ଆହ୍ୱାନକୁ ସମସ୍ତ ବିରୋଧୀ ରାଜନୈତିକ ଦଳ ସମର୍ଥନ କରୁଥିବା ବେଳେ ବନ୍ଦ କୌଣସି ପ୍ରଭାବ ନ ପଡ଼ିବା ସମ୍ପର୍କରେ ସମ୍ପ୍ରତି ବର୍ତମାନର ସରକାର ଉପରେ ଲୋକଙ୍କ ଆସ୍ଥା ବେଶ୍ ମଜବୁତ ଥିବା ପ୍ରମାଣିତ କରାଇଛି । ଆଜି ସକାଳୁ

ଚାଷୀ ନେତା ଓ ଚାଷୀ ମାନେ ରାଜରାସ୍ତାକୁ ବାହାରି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଆଗରେ ପିକେଟିଂ କରି ଧାରଣା ଦେଇଥିଲେ । ଏଥରେ ବନ୍ଦ ପ୍ରଭାବ ରେ ସମସ୍ତ ଦୋକାନ ବଜାର ଆଖ ଚଳ ସରକାରୀ କାର୍ଯ୍ୟଳୟ ସ୍କୁଲ କଲେଜ ବିଭିନ୍ନ ଅନୁଷ୍ଠାନ ବନ୍ଦ ରହିଚି ।ବନ୍ଦ ପାଳନ କୁ ସମସ୍ତ ଅତ୍ୟାବଶ୍ୟକ ସଂସ୍ଥା କୁ ବାଦ ଦିଆ ଯାଇଛି ସଭାକୁ ମୁଖ୍ୟ ଡାକଘର, ବ୍ୟାଙ୍କ, ଜିଲାପାଳ କାର୍ଯ୍ୟଳୟ, ସିଲିଲ କୋର୍ଟ ଆଗରେ ଚାଷୀ ମାନେ ଧାରଣା ରେ ବସି ବନ୍ଦ କରି ଛନ୍ତି । ସହର ମଧ୍ୟରେ ଦୈନିକ ବଜାର ସରକାରି ଘରୋଇ ଯାତ୍ରୀ ବ୍ୟବସ୍ଥା , ରାସ୍ତାରେ ଯାଇଥିବା ସମାଞ୍ଚ ଯାନବାହାନ ଚଳାଚଳ ବନ୍ଦ ରହିଛି । ଜିଲ୍ଲାର ପାଟଣାଗଡ଼, ଟିଟିଲାଗଡ ଲୋକସିଂହା ସମେତ ଜିଲ୍ଲାର ଅନ୍ୟ ଅଂଚଳରେ ବନ୍ଦ ପାଳନ କୁ ସ୍ୱତଃ ସ୍ଫୁର୍ତ ସମର୍ଥନ ମିଳିଥିବା ଯୋଗୁଁ ଏହାର ପ୍ରଭାବ ପରିଲକ୍ଷିତ ହେଉଚି ।

ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ପାଇଁ ଆବାସିକ ତାଲିମ କାର୍ଯ୍ୟକ୍ରମ

ଜୟପୁର,୨୯/୧(ନି/ପ୍ର): ପ୍ରାଥମିକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ମାନଙ୍କ ପାଇଁ ତିନି ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଜୟପୁରସ୍ଥିତ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ ଏବଂ ଚାଇଲ୍ଡ ଲାଇନ ନାଡ ଇନଷ୍ଟିଚ୍ୟୁଟ୍‌ଦ୍ୱାରା ମିଳିତ ଭାବରେ ଏକ ତିନି ଦିନିଆ ଆବାସିକ ସ୍ୱାସ୍ଥ୍ୟ ତାଲିମ କାର୍ଯ୍ୟକ୍ରମ ଏମ୍.ଏଚ୍.ଏଚ୍.ଆର.ଏଫ, ଜୟପୁରଠାରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ବୈପାରିଗୁଡ଼ା, ଲମଡାପୁଟ ଏବଂ ବଣମଗପୁର ବ୍ଲକରେ କାର୍ଯ୍ୟକରୁଥିବା ୩୭ଟି ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ ମାନେ ଅଂଶଗ୍ରହଣ କରିଥିଲେ । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ. ଦେବବନ୍ଦନ ମଲ୍ଲିକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ଓ ସ୍ୱାଗତ ଅଭିଭାଷଣ ସହିତ ତିନି ଦିନିଆ ଆବାସିକ ତାଲିମ ଶିବିର ଆରମ୍ଭ କରିଥିଲେ । ଏହା ପରେ ଏମ୍.ଏସ୍ ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଶ୍ରୀ ପ୍ରଶାନ୍ତ ପରିଡା ଅଂଶଗ୍ରହଣକାରୀମାନେ ଗ୍ରାମ ସ୍ତରର ସମସ୍ୟାଗୁଡ଼ିକୁ ବୁଝିବା ସହିତ ପ୍ରଦତ୍ତିତ ଅଂଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ସମାଧାନଗୁଡ଼ିକୁ ଖୋଜିବାକୁ ଚେଷ୍ଟା କରିଥିଲେ । କୋରାପୁଟ ଜିଲ୍ଲାର ଆଦିବାସୀ ଏବଂ ସୀମାନ୍ତ ଜନସଂଖ୍ୟା ପର୍ଯ୍ୟନ୍ତ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଭାବଶାଳୀ ଭାବରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । ଏହି ତାଲିମରେ ସମସ୍ତ ଅଂଶଗ୍ରହଣକାରୀମାନଙ୍କର ଅଂଶଗ୍ରହଣ ଉତ୍ସାହ ଜନକ ଥିଲା ଏବଂ ସେମାନେ ପ୍ରକାଶ କରିଥିଲେ ଯେ ଏପରି ତାଲିମ ଅତ୍ୟନ୍ତ ଜରୁରୀ ଏବଂ ନିୟମିତ ବ୍ୟବଧାନରେ କରାଯିବା ଉଚିତ । ପାଲିଏଟିଭ୍ କେୟାର କେରିଅଷ୍ଟ୍ରିକ୍ କେୟାର୍ସ ଏବଂ ଅଣସଂକ୍ରାମକ ରୋଗର ଚିହ୍ନଟ ଓ ଚିକିତ୍ସା ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ । ଏହି ପଦକ୍ଷେପ ମାଧ୍ୟମରେ ଅଂଶଗ୍ରହଣକାରୀମାନେ ଗ୍ରାମ ସ୍ତରର ସମସ୍ୟାଗୁଡ଼ିକୁ ବୁଝିବା ସହିତ ପ୍ରଦତ୍ତିତ ଅଂଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ବ୍ୟବହାରିକ ସମାଧାନଗୁଡ଼ିକୁ ଖୋଜିବାକୁ ଚେଷ୍ଟା କରିଥିଲେ । କୋରାପୁଟ ଜିଲ୍ଲାର ଆଦିବାସୀ ବହୁଳ ସମାଜର ସ୍ୱାସ୍ଥ୍ୟ ସମସ୍ୟାକୁ ତୁରାରକରଣ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନକୁ ମଜବୁତ କରିବା ଉପରେ ଗୁର

ରାଉରକେଲା ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟରୁ ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ରଥ

ରାଉରକେଲା,୨୯/୧(ନି/ପ୍ର): ବାଲ୍ୟ ବିବାହ ପ୍ରଥା ଉଚ୍ଛେଦ କରାଯାଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ସଚେତନତା ଅଭାବରୁ ବାଲ୍ୟ ବିବାହ ମୁକ୍ତ ନହେବା ସହିତ ଏହାର କାର୍ଯ୍ୟକାରିତା ହୋଇପାରୁନାହିଁ । ଏହି ପରିପ୍ରେକ୍ଷୀରେ ଜିଡା ଅନୁଷ୍ଠାନ ଆୟୋଜନରେ ଓ ଜଷ୍ଟ ରାଇଟସ୍ ଫର୍ ଚିଲଡ୍ରେନସ୍ ଏଲାଏନ୍ସ ସହାୟତାରେ ଆଜି ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଠାରୁ ଏକ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ନିମନ୍ତେ ସଚେତନତା ରଥ ବାହାରି ରାଉରକେଲା ଟାଉନ୍ ପରିକ୍ରମା କରିବା ସହିତ ବିଭିନ୍ନ ବ୍ଲକ୍ କାର୍ଯ୍ୟାଳୟ ଏବଂ ଲହୁଣୀପଡା ବ୍ଲକର ୫୦ଟି ଗ୍ରାମକୁ ସଚେତନତା କରାଇବା ସହ ଗ୍ରାମ ସ୍ତରରେ ଓ ଗ୍ରାମପଞ୍ଚାୟତ ସ୍ତରରେ ସମସ୍ତ ଲୋକଙ୍କୁ ସଚେତନ କରାଇବା ଲକ୍ଷ୍ୟ ନେଇ ରଥ ଅଗ୍ରସର ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍କୁଲ, କଲେଜ୍ ପିଲା , ସ୍ୱୟଂ ସହାୟକ ଗୋଷ୍ଠୀର ମା, କିଶୋର, କିଶୋରୀ, ସରକାରୀ କର୍ମଚାରୀ, ସେବରକାରୀ ଲୋକ ମଧ୍ୟ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି । ଏହି ବାଲ୍ୟ ବିବାହ ମୁକ୍ତ ଭାରତ ସଚେତନତା ରଥର ଶୁଭାରମ୍ଭ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମୀନାକ୍ଷୀ ନାୟକ, ଡିଏସି ସୁଲୁବାରୀ ହେମ୍ବ୍ରମ ସବୁଜ ପତାକା ଦେଖାଇବା ସହିତ ଡିଏଲ୍ଓ ଗୋପାଳ ଚନ୍ଦ୍ର ମଙ୍ଗରାଜ ନଡ଼ିଆ ଭାଙ୍ଗି ଶୁଭାରମ୍ଭ କରିଥିଲେ । ଜିଡା ଅନୁଷ୍ଠାନର ଜିଲ୍ଲା ସଂଯୋଜିକା ମଧୁସ୍ମିତା ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଅନୁଷ୍ଠାନର ରଜତ୍ ଓ ହରି ପ୍ରିୟା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଓଡିଶା ତଥା ରାଉରକେଲା ପୋଲିସ୍ ଜିଲ୍ଲାର ଲହୁଣୀପଡା ଅଞ୍ଚଳର ୫୦ଟି ଗ୍ରାମକୁ ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଜିଡା ଅନୁଷ୍ଠାନ ପକ୍ଷରୁ ଆଜି ରାଉରକେଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଠାରୁ ଏହି ସଚେତନତା ରଥ ବାହାର କରାଯାଇଛି । ଲହୁଣୀପଡା ଅଞ୍ଚଳର ୫୦ଟି ଗ୍ରାମକୁ ୪ ଦିନ ଧରି ସଚେତନତା କରାଇବା ପରେ, ସେଠାରୁ ଫେରିବା ଅତ୍ୟାତ୍ମୟ ବ୍ଲକ୍ ଅଭିମୁଖେ ଯାତ୍ରା କରିବ । ଏହି କାର୍ଯ୍ୟକ୍ରମ ଜଷ୍ଟ ରାଇଟ୍ସ ଫର୍ ଚିଲଡ୍ରେନସ୍ ଲାଏନ୍ସ ସହଯୋଗରେ କରାଯାଉଛି ବୋଲି କହିଛନ୍ତି ଜିଡା ଅନୁଷ୍ଠାନର ସଂଯୋଜିକା ମଧୁସ୍ମିତା ମହାପାତ୍ର । ଏକ ୧୦୦ ଦିନିଆ କାର୍ଯ୍ୟକ୍ରମ ହାତକୁ ନିଆଯାଇ ଯେଉଁ ଫୋକସ୍ ଲିଲେଜ୍ ରହିଛି, ସେମାନଙ୍କୁ ସଚେତନ କରାଯାଉଛି । ଏହି ବାଲ୍ୟ ବିବାହ ମୁକ୍ତ ସଚେତନ କାର୍ଯ୍ୟକ୍ରମ ଓଡିଶା ସମେତ ସମଗ୍ର ଭାରତ ବର୍ଷରେ କରାଯାଉଛି ବୋଲି ଶ୍ରୀମତୀ ମହାପାତ୍ର କହିଛନ୍ତି । ବାଲ୍ୟ ବିବାହ ମୁକ୍ତ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଛି । ସେଥିମଧ୍ୟରୁ ଗାଁରେ ବୈଠକ, ସ୍କୁଲରେ ବୈଠକ, ଫେସ୍ ଲିଡର ଓ ପୁରକମାନଙ୍କ ସହିତ ବୈଠକ, ଜ୍ୟାତଦି ଓ ଟେଟ୍ ହାଉସ୍ ମାଲିକମାନଙ୍କ ବୈଠକ କରାଯାଉ, ସେମାନଙ୍କୁ ସଚେତନ କରାଯାଉଛି ଯେ, ସେମାନେ ବାଲ୍ୟ ବିବାହକୁ ସହଯୋଗ ନକରି ଲୋକଙ୍କୁ ବୁଝାଇବା ସହିତ ସଚେତନ କରାଯୁ ବୋଲି କହିଛନ୍ତି ମଧୁସ୍ମିତା ମହାପାତ୍ର ।

ବନ୍ଦେ ମାତରଂ ଅ୧୫୦ ଆଲୋଚନାଚକ୍ର ଅନୁଷ୍ଠିତ

ରାଉରକେଲା,୨୯/୧(ନି/ପ୍ର): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ରାଉରକେଲା ନିର୍ମଳ ମୁଣ୍ଡା ନଗର ଶାଖା ଓ ଗୋପବନ୍ଧୁ ପାଠାଗାର ର ମିଳିତ ଆନୁକୂଲ୍ୟରେ ମାସିକ ସାରସ୍ୱତ ସମାବେଶ ତଥା ବନ୍ଦେ ମାତରଂ ଅ୧୫୦ ଆଲୋଚନାଚକ୍ର ପାଠାଗାର ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ପ୍ରାଧ୍ୟାପକ ଗିରିଜା ଶଙ୍କର ଗୋସ୍ୱାମୀଙ୍କ ସଭାପତିତ୍ୱ ଓ ଉପସଭାପତି ଅଜୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି ସମାବେଶରେ ମୁଖ୍ୟଅତିଥି ଭାବେ ରାଉରକେଲା ର ଅଧକ୍ଷ ଡ ରବିନ୍ଦ୍ର କୁମାର ଜେନା, ବିଶିଷ୍ଟ ବିଶେଷଜ୍ଞ ଭାବେ ବେଦବ୍ୟାସ ସଂସ୍କୃତ ମହାବିଦ୍ୟାଳୟର ପ୍ରାଚାର୍ଯ ଅଧକ୍ଷ ଡ ଉମାକାନ୍ତ ପଣ୍ଡା 'ବନ୍ଦେ ମାତରଂ ଅ୧୫୦' ସମ୍ପର୍କରେ ଆଲୋଚନା କରିଥିଲେ । ଅତିଥି ଓ ଆଲୋଚକ ଦ୍ୱୟ ସେମାନଙ୍କ ବକ୍ତବ୍ୟରେ ବନ୍ଦେ ମାତରଂ ଶବଦ ଉଦ୍ଭବି, ଏହାର ଇତିବୃତ୍ତି, ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଅବଦାନ, ମାତୃଭାଷା, ମାତୃଭୂମିର ଋଣ ଓ ସଂ ପରିବର୍ତ୍ତନ ଯଥା ସାମାଜିକ ସମାନତା, ପର୍ଯ୍ୟାବରଣ ସଂରକ୍ଷଣ, ଜୁଡୁସ୍ଥ ପ୍ରବୋଧନ, ସ୍ୱ-ଆଧାରିତ ଜୀବନ ଓ ନାଗରିକ କର୍ତ୍ତବ୍ୟବୋଧ ଉପରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ନଗରପାଳକ ଅଧ୍ୟାପକ ସନ୍ତୁଷ୍ଟ କୁମାର ମହାପାତ୍ର ପ୍ରାକକଥନ ରଖିଥିଲେ । ସଭାପତି ପ୍ର.ଗୋସ୍ୱାମୀ ଆଲୋଚ୍ୟ ପ୍ରସଙ୍ଗର ଆଭିମୁଖ୍ୟ ଓ ଆଲୋଚନାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ପାଠାଗାର ସମ୍ପାଦକ ବିଶ୍ୱନାଥ ଜେନା ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ହରିହର ଶତପଥୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଶେଷରେ ସଭ୍ୟ ରମେଶ ଚନ୍ଦ୍ରଙ୍କି ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଶାଖାର କର୍ମକିର୍ତ୍ତି, ସାହିତ୍ୟିକ,କବି ବନ୍ଧୁ ମାନେ ଉପସ୍ଥିତ ଥିଲେ ।

ସୁରକ୍ଷିତ ଆଶ୍ରୟ କେନ୍ଦ୍ରର ଚତୁର୍ଥ ବାର୍ଷିକ ଉତ୍ସବ ପାଳିତ

ରାଉରକେଲା,୨୯/୧(ନି/ପ୍ର): ସୁରକ୍ଷିତ ଆଶ୍ରୟ କେନ୍ଦ୍ରର ଚତୁର୍ଥ ବାର୍ଷିକ ଉତ୍ସବ ବୁଧବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଉତ୍ସବରେ ସୁରକ୍ଷିତ ଆଶ୍ରୟ କେନ୍ଦ୍ରର ଅଧିକ୍ଷକ ରଷ୍ମିନାଥ ନାୟକ ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ମୁଖ୍ୟ ବକ୍ତା ଭାବରେ ସୁନ୍ଦରଗଡ଼ ଡିସିପିଓ ଶ୍ରୀବନ୍ତ କୁମାର ଜେନା, ସମ୍ମାନୀତ ଅତିଥି ଭାବରେ ପିଏମକେକେବି ସଭ୍ୟା ଶ୍ରୀମତୀ ବବିତା ମହାପାତ୍ର, ସିଡବୁସି ସଭ୍ୟ ବାଳମୁକୁନ୍ଦ ଶୁକ୍ଳା, ସମାଜସେବୀ ବିଲୁ ମହାନ୍ତି, ଜେଲର୍ ରବିକାନ୍ତ ଶୁକ୍ଳା, ଡାକ୍ତର ଅନନ୍ତ ପାଣ୍ଡେ, ବାଳସୁଧାର ଗୃହର ପ୍ରକାଶ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ । ଅଧିକ୍ଷକ ଏମ୍ ଭି ବାସ୍ତବ୍ୟ ମୋନାଲିସା ପରିଚା ବାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଜିଲିରାଣୀ ପ୍ରଧାନ ଓ ରବିନ୍ଦ୍ର ପ୍ରଧାନ ମଞ୍ଚ ପରିଚାଳନା କରିଥିଲା ବେଳେ ଶେଷରେ ଶ୍ରଦ୍ଧାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଭାଧାରୀ ଅନ୍ତେବାସୀଙ୍କୁ ପୁରସ୍କୃତ କରାଯାଇଥିଲା । ୨୦୨୪-୨୫ ଶିକ୍ଷା ବର୍ଷରେ ୧୦ମ ଉତ୍ତୀର୍ଣ୍ଣ ହୋଇଥିବା ଅନ୍ତେବାସୀଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାର ମ୍ୟୁଜିକାଲ ଫାଉଣ୍ଡେସନର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ ସଭ୍ୟସଭ୍ୟାମାନଙ୍କ ସହଭାଗିତାରେ ପୁରସ୍କାର ବିତରଣ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସେମାନଙ୍କୁ ସୁରକ୍ଷିତ ଆଶ୍ରୟ କେନ୍ଦ୍ର ଦ୍ୱାରା ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ସୁସ୍ୱାଦୁ ଭୋଜନ ପରିବେଷଣ କରାଯାଇଥିଲା । ସୁରକ୍ଷିତ ଆଶ୍ରୟ କେନ୍ଦ୍ରର ସମସ୍ତ କର୍ମଚାରୀଙ୍କ ସହଯୋଗ ଦ୍ୱାରା ବାର୍ଷିକୋତ୍ସବ ସଫଳ ହୋଇଥିଲା । ସୁରକ୍ଷିତ ଆଶ୍ରୟ କେନ୍ଦ୍ରର ଶିକ୍ଷୟିତ୍ରୀ କୟତ୍ରୀ ତ୍ରିପାଠୀ, ସାରଜିକା ପାତ୍ର, ସୁକନାମତୀ ଏକ୍କା, ଅଭିଷେକ ବାଗ୍, ପ୍ରକାଶ କୁମାର ଧୃପାଳ, ସତ୍ୟପ୍ରକାଶ ଦାସ, ବିନୋଦ ବାରିକ, ଶୁଭ୍ରଜିତ୍ ସାହୁ, ବିଷ୍ଣୁ ସାହୁ, ଆରତୀ ମୁନୀ, ସୁଶାନ୍ତ ଗଣ, ଜଗଦୀପ ଲାହାରୀ, ପ୍ରମିଳା ବଲେଜ, ସୁଶିତ ନାୟକ, ଶ୍ରୀଚନ୍ଦନ, ସୌଦାମିନୀ ରାଉତ ପ୍ରମୁଖ ସହଯୋଗ କରିଥିଲେ ।

ଉଇ ଫର୍ ୟୁ ୟୁଥ୍ କ୍ଲବ୍‌ର ଚତୁର୍ଥ ବାର୍ଷିକୋତ୍ସବ ପାଳନ

ରାଉରକେଲା,୨୯/୧(ନି/ପ୍ର): ଆମେ ଆପଣଙ୍କ ସେବାରେ ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ସାମାଜିକ ଅନୁଷ୍ଠାନ ଉଇ ଫର୍ ୟୁ ୟୁଥ୍ କ୍ଲବ୍ ର ଚତୁର୍ଥ ବାର୍ଷିକୋତ୍ସବ ଛେଣ୍ଡ ସ୍ଥିତ ଗୋପବନ୍ଧୁ ପାର୍କ ଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ଜୈକାଶ ସେବହୋତାଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ରଣ୍ଜି ରଞ୍ଜନ ବାରିକଙ୍କ ଆବାହକତ୍ୱ ଓ ପ୍ରବୀର କୁମାର ଜେନା ତଥା ଝିଲିମା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ସ୍ୱତନ୍ତ୍ର ଅତିଥି ଭାବେ ଗୁରୁ ଶରଣ ଚନ୍ଦ୍ର ଧନ, ସମ୍ମାନିତ ଅତିଥି ଭାବେ ସମାଜସେବୀ, ଶ୍ରମିକନେତା ରମେଶ ଚନ୍ଦ୍ରସେଠୀ ଭାବେ ଯୋଗଦେଇଥିଲେ । ମୁଖ୍ୟଅତିଥି ଶ୍ରୀ ନାୟକ ଓ ଅନ୍ୟ ଅତିଥି ମାନେ ଅନୁଷ୍ଠାନର ସାମାଜିକ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ବୋଲି ମତ ରଖିଥିଲେ । ସୂଚନାଯୋଗ୍ୟ ଯେ ବିଭିନ୍ନ ଭୋଜିଭାତରେ ବଳକା ଖାଦ୍ୟ କୁ ଆବଶ୍ୟକ କରୁଥିବା ସାଧାରଣ ଲୋକଙ୍କ ମଧ୍ୟରେ ବଣ୍ଟନ, ରକ୍ତଦାନ ଶିବିର, ନିରାଶ୍ରୟ ଲୋକଙ୍କୁ କମ୍ବଳ ବଣ୍ଟନ, ବୃକ୍ଷ ରୋପଣ ଆଦିକାର୍ଯ୍ୟକ୍ରମ କରାଯାଇଛି ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଅବସରରେ ସମାଜସେବୀ ରମେଶ ଅଗ୍ରୱାଲଙ୍କୁ ସେବାରତ୍ନ ସମ୍ମାନ, ଛେଣ୍ଡ ଥାନାର ଏସଆଇ ମହେନ୍ଦ୍ର କୁମାର ସାହୁଙ୍କୁ ଆଦର୍ଶ ସେବାରତ୍ନ ସମ୍ମାନ, ଶ୍ରୀ ସତ୍ୟସାଇ ସେବା ସମିତି ରାଉରକେଲା କୁ ମାନବସେବା ରତ୍ନ ସମ୍ମାନ,ସାଗରିକା ଷ୍ଟେଜପେୟାର ଟ୍ରଷ୍ଟ କୁ ମହିଳା ସେବାରତ୍ନ ସମ୍ମାନ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ସାମାଜିକ ପ୍ରତିବେଦନ ପାଇଁ ଶିଳ୍ପପତିବୀପ୍ତି ରଞ୍ଜନ ପଟ୍ଟନାୟକ ଏକ ଖୁସନନ ପ୍ରଦାନ କରିଥିବାରୁ ଅନୁଷ୍ଠାନ ତରଫରୁ କୃତଜ୍ଞତା ପ୍ରକାଶ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଚରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ସର୍ବଶ୍ରୀ ମାନସ ରଞ୍ଜନ ପରିଡ଼ା, ରାହୁଲ ପଲେଜ, ବିଶ୍ୱଜିତ ଘୋଷ, ଆଶୁତୋଷ ବିଶ୍ୱାଳ, ପ୍ରଶାନ୍ତ ସାହୁ, ପ୍ରେମ ରଞ୍ଜନ ପରିଡ଼ା,ଦେବୀକା ମିଶ୍ର, ବିଲ୍ଲୁ ବତ ରାଉତ,ବାବଲ ଦାସ, ବିପ୍ରିରଞ୍ଜନ ବାରିକ, ପ୍ରବୀର କୁମାର ବାରିକ, ଉପଦେଷ୍ଟା ଗିରିଜା ଶଙ୍କର ଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଜିଲ୍ଲାପାଳଙ୍କ ତ୍ରିଲୋଚନପୁର ପାକ୍କୁ ପରିଦର୍ଶନ

ପୁରୀ,୨୯/୧(ନି/ପ୍ର): ଜିଲ୍ଲାପାଳ ବିଦ୍ୟା ଦେବୀତି ପଟିଜା ଗତକାଲି କଣାସ ବ୍ଲକର ତ୍ରିଲୋଚନପୁର ପାକ୍କୁ ପରିଦର୍ଶନ କରିଥିଲେ ।ଧାନ ସଂଗ୍ରହ ର ବ୍ୟବସ୍ଥା ସମ୍ପର୍କରେ ପାକ୍କୁ ସମ୍ପାଦକ ଓ ଅନ୍ୟ କର୍ମଚାରୀ ଙ୍କୁ ପଚାରି ଥିଲେ । ଉପସ୍ଥିତ ଚାଷୀ ମାନଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ । ସୁବିଧା ଅସୁବିଧା ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ।

ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର



ବଣେଇ,୨୯/୧(ନି/ପ୍ର): ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଚାଲବାହାଡି ଗ୍ରାମପଞ୍ଚାୟତରେ ଅବସ୍ଥିତ ଜିଇ ଏଲ୍ ଚର୍ଚ ବଡ଼ ମୁଆଗାଁ ପରିସରରେ ଏକ ମାଗଣା ମେଡିକାଲ କେମ୍ପର ଆୟୋଜନ କରାଯାଇଥିଲା । ଉତ୍କଳ ବିକାଶ ଚାରିଟେବଲ ଟ୍ରସ୍ଟ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ଟ୍ରସ୍ଟ ର ଅଦକ୍ଷ ଶ୍ରୀମୁକ୍ତ ଜୟମାଝୀ ମୁଣ୍ଡା ଅତିଥି ପରିଚୟ ତଥା ସ୍ୱାଗତ ଭାଷଣ ପରିବେଷଣ କରିଥିଲେ । ସ୍ଥାନୀୟ ଲହୁଣୀପଡ଼ା ସରକାରୀ ଡାକ୍ତରଖାନାର ଡାକ୍ତର ଅରବିନ୍ଦ ସାହୁ ଏବଂ ତାଙ୍କ ଟିମ୍ ବିନେଶ କୁମାର ସାହୁ (ଫାର୍ମାଶିଷ୍ଟ), ତପସ୍ୱିନୀ ମହାନ୍ତ(ଏଏନ୍ଏମ୍) ଏହି ଶିବିରରେ ଅଂଶଗ୍ରହଣ କରିଥିଲେ । ଏହାଦ୍ୱାରା ଏହି ଅଞ୍ଚଳ ଲୋକମାନେ ବିଭିନ୍ନ ରୋଗର ଚିକିତ୍ସା ପାଇ ଉପକୃତ ହୋଇଥିଲେ । ଏହି ଶିବିରରେ ଟ୍ରଷ୍ଟର ଉପାଧକ୍ଷ ସଂଗୀତା ଶୁକ୍ଳା, ପଦ୍ମିନୀ ମୁଣ୍ଡା ରଶନା ବେହେରା ,ଶଙ୍କର କୁମାର, ଯୋଗେଶ୍ୱର ମୁଣ୍ଡା, କାନ୍ଦେ ମୁଣ୍ଡା , ନିଲମ୍ ଯୋଯୋ ଉପସ୍ଥିତ ଥିଲେ । ଶେଷରେ ସଂସ୍ଥା ଉପାଧକ୍ଷ ସଂଗୀତା ଶୁକ୍ଳା ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲା ପ୍ରେସକ୍ଲବ ଫୁଲବାଣୀର ଦ୍ୱିବାର୍ଷିକ ନିର୍ବାଚନ

କନ୍ଧମାଳ,୨୯/୧: ଜିଲ୍ଲା ପ୍ରେସକ୍ଲବ ଫୁଲବାଣୀ ର ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୃତୀୟ ଥର ପାଇଁ ସୁନାଲ ପଟ୍ଟନାୟକ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ଶ୍ରୀ ପ୍ରଶାନ୍ତ କୁମାର ଦେହେରା ଏବଂ ସମ୍ପାଦକ ଭାବେ ଶ୍ରୀ ସ୍ତିନାଥ ସାହୁ ନିର୍ବାଚିତ ହୋଇଛନ୍ତି । ଆଜି ଅନୁଷ୍ଠିତ ହୋଇଥିବା ନିର୍ବାଚନକୁ ପଚାଳନା ଦାୟିତ୍ୱ ସୁଜ ବରିଷ୍ଠ ସାମ୍ବାଦିକ ତଥା ପୂର୍ବତନ ପ୍ରେସକ୍ଲବ ସଭାପତି ଭାବେ କାର୍ଯ୍ୟ କରି ଆସିଥିବା ଶ୍ରୀ ସୁକାଶ ପ୍ରଧାନ ଓ ଶ୍ରୀ ପିଲି ମୋହନ ନାୟକ ସମ୍ପାଦନ କରିଥିଲେ । ଆଜି ପ୍ରଥମ ଥର ପାଇଁ ଜିଲ୍ଲା ପ୍ରେସ କ୍ଲବର ନିର୍ବାଚନ ବେଳେଟ ପେପର କରିଆରେ କରାଯାଇଥିଲା । ସକାଳ ଏଗାରଟା ତିରିଶ ମିନିଟ୍ ରେ ମତଦାନ ଆରମ୍ଭ ହୋଇ ଅପରାହ୍ନ ଦୁଇଟା ତିରିଶ ମିନିଟ୍ ରେ ଶେଷ ହୋଇଥିଲା । ମଧ୍ୟାହ୍ନ ଭୋଜନ ପରେ ଚାରିଟା ବେଳେ ଭୋଟ ଗଣତି ଶେଷ ହେବା ପରେ ଫଳାଫଳ ଘୋଷଣା ହୋଇଥିଲା । ଏଥିରେ ଆଗାମୀ ଦୁଇବର୍ଷ ପାଇଁ ଉପସଭାପତି ଭାବେ ଶ୍ରୀ ସୁଜିତ୍ କୁମାର ଦେହେରା ଓ ଶ୍ରୀ ପ୍ରଶାନ୍ତ କୁମାର ପଣ୍ଡା ଓ ସହ ସମ୍ପାଦକ ଭାବେ ଶ୍ରୀ ରମେଶଚନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଥିଛନ୍ତି ।

ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଦେଶାତ୍ମବୋଧ ହର୍ଷୋଲ୍ଲାସରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ

ରାଉରକେଲା,୨୯/୧(ନି/ପ୍ର): ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ଉତ୍ସବ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ଇସ୍ପାତ ଷ୍ଟାଡିୟମଠାରେ ଦେଶାତ୍ମବୋଧ ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ପ୍ରାୟ ୨୦୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ଆରଏସପି କର୍ମଚାରୀ ଅଂଶଗ୍ରହଣ କରିଥିବା ଏହି ବର୍ଣ୍ଣାଢ୍ୟ ଉତ୍ସବକୁ ଦେଖିବା ପାଇଁ ସହସ୍ରାଧିକ ରାଉରକେଲାବାସୀ ଏକତ୍ରିତ ହୋଇଥିଲେ । ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ପ୍ୟାରେଡ ପରିଦର୍ଶନ କରିବା ସହିତ ଜ୍ଞାନଜ୍ୟୋତି ପବ୍ଲିକ ସ୍କୁଲ ରାଉରକେଲା ବ୍ୟାଣ୍ଡର ଡାଇନାମିକ ୬୧ ଟି ଦଳ ଦ୍ୱାରା ପ୍ରଦର୍ଶିତ ଆକର୍ଷଣୀୟ ମାର୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ପ୍ୟାରେଡରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନର ଏନସିସି, ଝାଉଟ ଓ ଗାଇଡସ ଏବଂ ସିଭିଲିଆନ ଗ୍ରୁପ ସହିତ ସିଆଇଏସଏଫ ବାହିନୀ, ଆରଏସପିର ଅଗ୍ନିଶମ ଦଳ, ଓ ସେଲ ହକି ଏକାଡେମୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଡ଼ିଆଇସିଙ୍କ ସହ ସିଆଇଏସଏଫ ଡ଼ିଆଇଜି ଶ୍ରୀ ରତନ କୁମାର ମଟମଂସାନ ଥିଲେ । ଦିଲ୍ଲୀ ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଜାତୀୟ ସଙ୍ଗୀତ ପରିବେଷଣ କରିଥିଲେ । ଗଣତନ୍ତ୍ର ଦିବସର ଶୁଭ ଅବସରରେ ନିଜର ଅଭିଭାଷଣରେ, ଶ୍ରୀ ବର୍ମା କହିଥିଲେ ଯେ ଏହି ଅବସରରେ ସମଗ୍ର ଇସ୍ପାତ ନଗରୀରେ ଦେଶପ୍ରେମର ଭାବନା ପ୍ରତିଧ୍ୱନିତ ହେଉଛି । ସେ ଭାରତର ସ୍ୱାଧୀନତା ସଂଗ୍ରାମକୁ ପ୍ରେରଣା ଦେଇଥିବା ଜିୟତନ୍ତ୍ରୀ ରଚନା ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉପରେ ଆଲୋକପାତ କରିଥିଲେ ଏବଂ ୧୮-